

“ ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ
ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ

## ସଂକ୍ଷେପରେ



### ପାଇକମାଲରେ ଶ୍ୟାମ ପଦଯାତ୍ରା

**ପାଇକମାଲ,୧୬।୩ (ଡି.ଏନ.ଏ)-** ବରଗଡ଼ ଜିଲା ପାଇକମାଲ ଶ୍ୟାମ ପରିବାର ଓ ମାରଓ୍ୱାଡି ଯୁବା ମଞ୍ଚ ତରଫରୁ ଶ୍ୟାମ ପଦଯାତ୍ରା ଶିବ ମନ୍ଦିରଠାରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ଝଣ୍ଡା ଧରି ପଦଯାତ୍ରା କରିଥିଲେ । ପଦଯାତ୍ରା ଶେଷ ହେବା ପରେ ୧୦୦ଟି ଝଣ୍ଡାକୁ ବରଗଡ ପଠାଯାଇଥିଲା । ରବିବାର ବରଗଡରୁ ଭଟଲି ଶ୍ୟାମ ମନ୍ଦିରକୁ ଏହି ଝଣ୍ଡା ଧରି ପୁଣି ପଦଯାତ୍ରା କରାଯିବ ବୋଲି ସନ୍ତୋଷ ଅଗ୍ରଓ୍ୱାଲ କହିଛନ୍ତି । ପଦଯାତ୍ରାରେ ନରେଶ ଅଗ୍ରଓ୍ୱାଲ, ମୁକେଶ ଅଗ୍ରଓ୍ୱାଲ, ନୀଲେଶ ଅଗ୍ରଓ୍ୱାଲ, ସବିତା ଜିନ୍ଦଲ, ପ୍ରିୟଙ୍କା ଅଗ୍ରଓ୍ୱାଲ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଅବାଧ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

**ବରଗଡ଼ ଅଫିସ୍,୧୬।୩**

ସାଧାରଣ ନିର୍ବାଚନକୁ ଆଉ ମାତ୍ର ମାସେ ବାକି ଅଛି । ଏଥିପାଇଁ ଉଭୟ ରାଜନୈତିକ ଓ ପ୍ରଶାସନିକ ତତ୍ପରତା ଦେଖାଯାଇଛି । ରାଜନେତାମାନେ ଯେଉଁଳି ନିଜ ସପକ୍ଷରେ ଭୋଟ୍ ହାତେଇବା ପାଇଁ ସହରରୁ ଗାଁ ମୁହାଁ ହୋଇଛନ୍ତି, ଅନୁରୂପ ଭାବେ ଅବାଧ ଓ ନିରପେକ୍ଷ ଭାବେ ନିର୍ବାଚନ ସାରିବା ପାଇଁ ତୁହାକୁ ତୁହା ପ୍ରଶାସନିକ ବୈଠକ ମଧ୍ୟ ବସୁଛି । ଶନିବାର ବରଗଡ଼ ଜିଲାପାଳ ଅଫିସ ପରିସର ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏକ ବୈଠକ ହୋଇଥିଲା ।

ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରି ନିରପେକ୍ଷ, ନିରାପଦ ତଥା ଶୃଙ୍ଖଳିତ ଭାବେ ନିର୍ବାଚନ ସମାପନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ନିର୍ବାଚନ ପାଇଁ ରହିଥିବା ଆଚରଣ ସଂହିତା ଉପରେ ଜିଲାପାଳ ତ୍ରିପାଠୀ ବିସ୍ତୃତ ଭାବେ ସୂଚନା ଦେଇଥିଲେ । ନିର୍ବାଚନକୁ ନେଇ ବ୍ୟକ୍ତିଗତ କୁତ୍ସାରଟନା, ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ମଦ, ଟଙ୍କା ବାଣ୍ଟିବା ଆଦିରୁ କ୍ଷାନ୍ତ ରହିବା ସହିତ ସଭା, ସମିତି, ହେଲିପ୍ୟାଡ୍ ପାଇଁ ପ୍ରଶାସନଠାରୁ ପୂର୍ବରୁ ଅନୁମତି ନେବାକୁ ପରାମର୍ଶ ଦେଇଥିଲେ ।



ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ।

ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି, ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି ବୋଲି ସେ ସୂଚନା ଦେଇଥିଲେ । ଏହି ଲୋକସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୫ଲକ୍ଷ ୫୦ହଜାର ୨୦୦ ଭୋଟର ରହିଥିବା ଜିଲାପାଳ କହିଥିଲେ । ସେଥିମଧ୍ୟରୁ ପଦ୍ମପୁରରେ ୩୧୯ବୁଥ୍ ପାଇଁ ୨ଲକ୍ଷ ୪୮ହଜାର ୭୯୫, ବିଜେପୁରରେ ୨୮୫ ବୁଥ୍ ପାଇଁ ୨ଲକ୍ଷ ୨୫ହଜାର ୫୬୭, ବରଗଡ଼ରେ ୨୩୧ବୁଥ୍ ପାଇଁ ୨ଲକ୍ଷ ୧୬ହଜାର ୩୫୮, ଅତାବିରାରେ ୨୫୨ବୁଥ୍ ପାଇଁ ୨ଲକ୍ଷ ୧୫ହଜାର ୪୮୦, ଭଟଲିରେ ୨୯୧ ବୁଥ୍ ପାଇଁ ୨ଲକ୍ଷ ୨୩ହଜାର ୧୨୬, ବ୍ରଜରାଜନଗରରେ ୨୫୭ ବୁଥ୍ ପାଇଁ ୨ଲକ୍ଷ ୪ହଜାର ୨୧୯ ଏବଂ ଝାରସୁଗୁଡ଼ାରେ ୨୫୩ବୁଥ୍ ପାଇଁ ୨ଲକ୍ଷ ୧୬ହଜାର ୬୫୫ ଭୋଟର ରହିଥିବା ସେ ସୂଚନା ଦେଇଥିଲେ। ସମୁଦାୟ ଭୋଟରଙ୍କ ମଧ୍ୟରୁ ୯୮.୪୮ ପ୍ରତିଶତ ଭୋଟରଙ୍କ ପାଖରେ ଭୋଟର ପରିଚୟ ପତ୍ର ରହିଛି । ଯେଉଁମାନଙ୍କ ପାଖରେ ଭୋଟର ପରିଚୟପତ୍ର ନାହିଁ ଏବଂ ସେମାନଙ୍କ ନାମ ଭୋଟର ତାଲିକାରେ ଉଲ୍ଲେଖ ଥିବ, ସେମାନେ ଅନ୍ୟ ନିର୍ଦ୍ଧାରିତ ପରିଚୟ ପ୍ରମାଣପତ୍ର ଦେଖାଇ ମତଦାନ କରି ପାରିବେ ବୋଲି ଜିଲାପାଳ କହିଥିଲେ। ମତଦାନ ପାଇଁ ଭିଭିପାଟ୍, ଇଭିଏମ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବା ସେ ସୂଚନା ଦେଇଥିଲେ ।

ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ ନିର୍ବାଚନକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ । ସାଧାରଣ ଘଟଣାକୁ ବଡ଼ ପ୍ରସଙ୍ଗ ନ କରି ନିଜ ମଧ୍ୟରେ ଆପୋଷ ସମାଧାନ କରିବାକୁ ସେ ପରାମର୍ଶ ଦେବା ସହିତ ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ନିର୍ବାଚନ ଆଚରଣ ସଂହିତାକୁ ଠିକ୍ ଭାବେ ମାନିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। କୌଣସି ଅପରାଧ ସମ୍ପର୍କରେ ସୂଚନା ପାଇଲେ ସ୍ଥାନୀୟ ପୋଲିସକୁ ସଠିକ୍ ସୂଚନା ଦେବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଉପସ୍ଥିତ ଥିଲେ । ସେହିପରି ରାଜନୈତିକ ଦଳ ଗୁଡ଼ିକ ମଧ୍ୟରୁ ଆପ୍‌ରୁ ଅମିତାଭ ପାତ୍ର, ଭବାନୀ ପ୍ରସାଦ ସାହୁ, ଭାଜପାରୁ ଡା. ଅରୂପାନନ୍ଦ ସାହୁ, କଂଗ୍ରେସରୁ ଯୁଗଳ ପ୍ରସାଦ ସିଂ, ବିଜେଡ଼ିରୁ ପଦ୍ମଲୋଚନ ମଲ୍ଲିକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ହରଭଙ୍ଗାରେ ଭାଜପାର ବିଜୟ ସଂକଳ୍ପ ଅଭିଯାନ

**ପୁରୁଣାକଟକ,୧୬।୩ (ଡି.ଏନ.ଏ)**

ବୌଦ୍ଧ ନିର୍ବାଚନ ମଣ୍ଡଳୀର ହରଭଙ୍ଗା ବ୍ଲକରେ ଶନିବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଛି । ବୌଦ୍ଧ ବିଜୟ ସଂକଳ୍ପ ଅଭିଯାନ ସଂଯୋଜକ ତଥା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଶନିବାର ବ୍ଲକର ଛତ୍ରଙ୍ଗ, ଭାଲିଆଗୋରା, ବୁକେଶିଙ୍ଗା, ଭେଜିଗୁରା, ସୁରୁଣ୍ଡି, ସଂକଡା, ସଂକୁଲେଇ, ନୂଆପଡା, ହରିହରପୁର, ଖରଭୁଇଁ, ବାଇଶପଡା, ଲକ୍ଷ୍ମଣପୁର, ଟୁକୁଲୁଣ୍ଡା, ଉପରକଟା, କରଞ୍ଜକଟା, ଲୋକାପଡା, ଚାରିଛକ, ଲଣ୍ଡେଜୁର ଆଦି ୨୫ରୁ ଊର୍ଦ୍ଧ୍ୱ ଗାଁ ବୁଲି ବିଜୟ ସଂକଳ୍ପ ଅଭିଯାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚା ଜିଲା ସଭାପତି କାଳିନ୍ଦୀ ଚରଣ କ୍ଷେତୀ, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି ନଟବର ପ୍ରଧାନ, ଉପସଭାପତି ରବିନ୍ଦ୍ର ବେହେରା, ହରଭଙ୍ଗା ମଣ୍ଡଳ ସଭାପତି ଅରୁଣା ଦୀପ, ଉପସଭାପତି ସୂର୍ଯ୍ୟ ପ୍ରତାପ ବେହେରା, ସାଧାରଣ ସମ୍ପାଦକ ବିଜୟ ପଣ୍ଡା, ବୀରେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ବେହେରା, ବିଭୂତି ନାୟକ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବର୍ଦ୍ଧନା ସମାରୋହରେ ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ଛାତ୍ରୀଛାତ୍ର।

# ଛାତ୍ର ସମାଜ କଲେଜର ଦୃଢ଼ ଭିତ୍ତିଭୂମି

## ବିକାଶରେ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼ ଅଫିସ୍,୧୬।୩**

ବରଗଡ଼ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ ବିକାଶ ପଲିଟେକ୍ନିକ୍‌ରେ ଅନ୍ତିମବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ପଲିଟେକ୍ନିକ୍‌ର ଛାତ୍ରୀ ଡି. ସିରିଷା ଓ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରୀ ଅଙ୍କିତା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆସନ୍ତା ପରୀକ୍ଷା ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ। ଜୁନିୟର ଛାତ୍ରୀଛାତ୍ରମାନେ ସିନିୟର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କରିଥିବା ସୁବ୍ୟବସ୍ଥାକୁ ଦେଖି ପରସ୍ପର ମଧ୍ୟରେ ରହିଥିବା ଉତ୍ତମ ସମ୍ପର୍କକୁ ପ୍ରଶଂସା କରିଥିଲେ। ଉଭୟ ପଲିଟେକ୍ନିକ୍ ଏବଂ ବି-ଟେକ୍ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ସେ ଅଭିନନ୍ଦନ ଜଣାଇଥିଲେ । ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ର ସମାଜ ହିଁ ବିକାଶ କଲେଜର ଦୃଢ଼ ଭିତ୍ତିଭୂମି ବୋଲି ମତପ୍ରକାଶ କରିବା ସହିତ ଏକ ସଫଳ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଥିଲେ । ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ ଛାତ୍ରୀଛାତ୍ରଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କ୍ୟାମ୍ପସରେ ଉତ୍ତମ ବ୍ୟବହାର ଯୋଗୁ ଛାତ୍ରୀଛାତ୍ରଙ୍କ ପ୍ରଶଂସା କରିଥିଲେ । ସେହିପରି ପାଠପଢ଼ା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପରେ ଜଡ଼ିତ ହେବା ଉଚିତ ବୋଲି ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଶ୍ରୁତିବଦ୍ଧ । ବିକାଶ ପରିସରରେ କଟାଇଥିବା ସମସ୍ତ ସ୍ମୃତିକୁ ସତେଜ ରଖିବା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟାରେ ଏକ ଫଟୋ ଗ୍ୟାଲେରୀ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜୁନିୟର ଛାତ୍ରୀଛାତ୍ରମାନେ ସିନିୟର ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ ସହିତ ଉପହାର ଦେଇଥିଲେ । ବିକାଶ ଗ୍ରୁପ୍ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଗ୍ରୁପ୍‌ର ମ୍ୟାନେଜର(ଏଚ୍‌ଆର୍) ଓ ଆଇନ ପରାମର୍ଶଦାତା ପି. କେ ଦାଶ, ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଆଡ଼ମିନିଷ୍ଟ୍ରେଟର ଆର.ଏସ.ଭି କ୍ରୀଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ଼ମିନିଷ୍ଟ୍ରେଟିଭ ଅଫିସର ଏସ. କାନ୍ତାରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ୟଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ଶ୍ରାବଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ହଡ଼ିଗୁଡ଼ି କପ୍ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ସମ୍ବଲପୁରର ପ୍ରବେଶ

**ପାଇକମାଲ,୧୬।୩ (ଡି.ଏନ.ଏ)**

ପାଇକମାଲ ଏମ୍ଇ ସ୍କୁଲ ଖେଳ ପଡିଆଠାରେ ସର୍ବଭାରତୀୟ ୨୪ତମ ହଡିଗୁଡି କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ କୁଚିଣ୍ଡାକୁ ହରାଇ ସମ୍ବଲପୁର ଦଳ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ସମ୍ବଲପୁର ଦଳ କୁଚିଣ୍ଡାକୁ ୨-୧ରେ ହରାଇଥିଲା । ସମ୍ବଲପୁର ଦଳର ପ୍ରଶାନ୍ତ ଓରାମ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ତୃତୀୟ କ୍ୱାର୍ଟର ଫାଇନାଲ ଦେବଗଡ ଓ ବେଲପାହାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦେବଗଡ ଟାଇବ୍ରେକର ଜରିଆରେ ୩-୦ ଗୋଲରେ ବିଜୟୀ ହୋଇଥିଲା । ଲଳିତ ପେଠାଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଚତୁର୍ଥ କ୍ୱାର୍ଟର ଫାଇନାଲ ବୌଦ୍ଧ ମହିନ୍ଦ୍ରା ମହିନ୍ଦ୍ରା ଓ ପାଇକମାଲ ନରସିଂହ ସ୍ପୋର୍ଟିଂ ମଧରେ ଅନୁଷ୍ଠିତ ହୋଇ ବୌଦ୍ଧ ୨।-୧ ଗୋଲରେ ବିଜୟୀ ହୋଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଭାବେ ପ୍ରମୋଦଙ୍କୁ ପୁରସ୍କୃତ କରାଯାଇଥିଲା। ପାଇକମାଲ ଏମ୍ଇ ସ୍କୁଲ ଶିକ୍ଷକ ସୁଶାନ୍ତ ସାହୁ, ପଟି ନାରାୟଣ ନାୟକ, ରାଜେନ୍ଦ୍ର ରାଉତ, ଭୋଜରାଜ ରାଉତ, ପୂର୍ବତନ ଫୁଟବଲ ଖେଳାଳି କୁସୁମ ରାଓ, ପ୍ରଫୁଲ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅରୁଣ ଭୋଇ ସୁଧାଂଶୁ ସେଠ, ନୀଳ ନାୟକ, ଅଶ୍ୱିନୀ ବେରିଆ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ପାଣିଗ୍ରାହୀ, ଦିଲୁ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ । ଗୋବିନ୍ଦ ସାହୁ, ବୁଲୁ ନାୟକ ସ୍କୋରର ଏବଂ ମିଳନ ସେଠ, ବବୁଲ ସାହୁ, ଦୀପେଶ ଭୋଇ, ଆକାଶ ମାହାର, ବିକାଶ ଦଣ୍ଡସନା, ଗଙ୍ଗା ମାହାର ସହଯୋଗ କରିଥିଲେ । ରବିବାର ଦ୍ୱିତୀୟ ସେମି ଫାଇନାଲ ଦେବଗଡ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସୁକାନ୍ତ ବାରିକ ଜଣାଇଛନ୍ତି ।



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

# କିଡ୍‌ନୀ ରୋଗୀଙ୍କ ମୃତ୍ୟୁ

**ପୁରୁଣାକଟକ,୧୬।୩(ଡି.ଏନ.ଏ)**

ହରଭଙ୍ଗା ବ୍ଲକ ଅଫିସର ଅସ୍ଥାୟୀ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଥିବା ଠିକିଯୋର ଗ୍ରାମର ତପନ ନାଏକ(୪୦) ଶନିବାର ଅପରାହ୍ନରେ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁବରଣ କରିଛନ୍ତି । ତପନ ଦୀର୍ଘ ଦେଢ ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ । ଆର୍ଥାଭାବରୁ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହେବାରୁ ଶେଷରେ କଟକ ବଡମେଡିକାଲରୁ ଗତ କିଛିଦିନ ତଳେ ଘରକୁ ଫେରିଆସିଥିଲେ। ଘରେ ତାଙ୍କର ମୃତ୍ୟୁ ଘଟିଛି । ଘରର ଏକମାତ୍ର ରୋଜଗାରକ୍ଷମ ତପନଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ, ୩ ପୁଅ ଏବଂ ରୋଗିଣା ମା' ମର୍ମାହତ ହୋଇପଡିଛନ୍ତି । ତୁରନ୍ତ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇବାକୁ ଦାବି ହେଉଛି ।



ଭାଜପାର ସଂକଳ୍ପ ଅଭିଯାନ ଚାଲିଛି ।

# ଭାଜପାର ସଂକଳ୍ପ ଅଭିଯାନ

**ଜାମଟିକ୍ରା, ୧୬।୩ (ଡି.ଏନ.ଏ)**

ଅତାବିରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଣ୍ଟୁଲିପାଲି ବଜାର ପ୍ରାଙ୍ଗଣରେ ଗତ ଶୁକ୍ରବାର ଭାଜପା ପକ୍ଷରୁ ସଂକଳ୍ପ ଅଭିଯାନ କରାଯାଇଛି । ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ଅଭିଯାନ ପ୍ରଭାରୀ ବିପିନ ଭୋସାଗର, କୁଶ କୁମ୍ଭାର, ସୁଦାମ ଭୋଇ, କେ. ସରସ୍ୱତୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଲୋକଙ୍କୁ ସଚେତନ କରିଥିଲେ ଓ ବିଜେଡି ସରକାରଙ୍କ ଉପରେ ବର୍ଷିଥିଲେ ।

# ଟେକ୍‌ଯୁଗ୍-୨୦୧୯ କାର୍ଯ୍ୟକ୍ରମ ଉଦ୍‌ଯାପିତ

**ବରଗଡ଼ ଅଫିସ୍,୧୬।୩**

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ବୈଷୟିକ ଅନୁଷ୍ଠାନ ସମୂହ କ୍ୟାମ୍ପସରେ ଆଞ୍ଚଳିକସ୍ତରର ବୈଷୟିକ ପ୍ରକଳ୍ପ ତଥା ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଟେକ୍‌ଯୁଗ୍-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ କଲେଜ ଅଫ୍ ଇଞ୍ଜିନିୟରିଂ, ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ସରକାରୀ ପଲିଟେକନିକ୍, ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ମାଝିପାଲି, ସରକାରୀ ପଲିଟେକ୍ନିକ୍, ରେଙ୍ଗାଲୀ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବରଗଡ଼ର ଛାତ୍ରୀଛାତ୍ର ଭାଗ ନେଇଥିଲେ ।

ବୈଷୟିକ ପ୍ରକଳ୍ପ ପ୍ରତିଯୋଗିତାରେ ପିକେଏଆଇଟିର ଅମିତ କୁମାର ସିଂ ଓ ସହପାଠୀଙ୍କ ଦ୍ୱାରା ନିର୍ମିତ ସ୍ମାର୍ଟ କାର ପ୍ରଥମ, ପିକେଏସିଇର ଛାତ୍ର ବିକ୍ରମ କୁମାର ଷଡ଼ଙ୍ଗୀ ଓ ସହପାଠୀଙ୍କ ନିର୍ମିତ ଡିଜିଟାଲ ଫ୍ଲୋର କ୍ଲିନିଙ୍ଗ ରୋବର୍ଟ ଦ୍ୱିତୀୟ ଏବଂ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ସୀମା ବଘେଲ ଓ ସହପାଠିନୀଙ୍କ ନିର୍ମିତ ୱାରଗନ ରୋବଟ୍ ଏବଂ ପିକେଏସିଇର ଆଲିଶା ଖେରାନୀ ଓ ସହପାଠୀଙ୍କ ଆଇଓଟି ବେସଡ୍ ଗେରବେଜ୍ ମନିଟରିଂ ସିଷ୍ଟମ ତୃତୀୟ ହୋଇଥିଲ । ପେପର ପ୍ରେଜେଣ୍ଟେଶନ ପ୍ରତିଯୋଗିତାରେ ବି-ଟେକ୍ ବିଭାଗରେ ପିକେଏସିଇର ଛାତ୍ର ସୁଦର୍ଶନ ଦାଶଙ୍କ ମେଗଲେମ ଟ୍ରେନ ଏ ଗିଫ୍ଟ ଅଫ ଇଞ୍ଜିନିୟରିଂ ମେଟେରିଆଲ ଟୁ ମ୍ୟାନକାଇଣ୍ଡ ଓ ଡିପ୍ଲୋମା ବିଭାଗରେ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଦେବୀପ୍ରସାଦ ଦାଶଙ୍କ ଅଫ୍ ରୋଡ୍ ମେଟାଲ ଡିଟେକ୍ଟର ସର୍ବଶ୍ରେଷ୍ଠ ମନୋନିତ ହୋଇଥିଲା । କୁଇଜ ପ୍ରତିଯୋଗିତାରେ ବି-ଟେକ୍ ବିଭାଗରୁ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଛାତ୍ର ଅଜୟ ଏକ୍କା ପ୍ରଥମ, ଲିଜୋଶ କେ. କେ ଦ୍ୱିତୀୟ, ଡିପ୍ଲୋମା ବିଭାଗରେ ପିକେଏଆଇଟିର ଛାତ୍ରୀ ସୁନୟନା ଦାଶ ପ୍ରଥମ ଓ ଆକାଶ ମିଶ୍ର ଦ୍ୱିତୀୟ ପୁରସ୍କାର ଗ୍ରହଣ କରିଥିଲେ । ପୋଷ୍ଟର ମେକିଂ ପ୍ରତିଯୋଗିତାର ଡିପ୍ଲୋମା ବିଭାଗରେ ସରକରୀ ପଲିଟେକ୍ନିକ୍, ରେଙ୍ଗାଲିର ସୁବାଷ ସାହୁ, ବି-ଟେକ୍ ବିଭାଗରେ ପିକେଏସିଇର କେ. ଓସୋ ରାଜା ପୁରସ୍କୃତ ହୋଇଥିଲେ । ଲେନ୍ ଗେମିଙ୍ଗ ପ୍ରତିଯୋଗିତାରେ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ମହମ୍ମଦ ଅରବାଜୁର ରହମାନ ଓ ସାଥୀ ପୁରସ୍କୃତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଅନୁଷ୍ଠାନ ସମୂହ ପରିଚାଳନା ସମିତିର ବରିଷ୍ଠ ସଭ୍ୟ ସର୍ବେଶ୍ୱର ରଥ, ନରସିଂହ ବିଶି, ସମ୍ପାଦକ ତରୁଣ କୁମାର ଷଡ଼ଙ୍ଗୀ, ପିକେଏସିଇର ଅଧ୍ୟକ୍ଷ ଡଃ ଭରତ ଭୂଷଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଇଂ ମନୋଜ କୁମାର ପାଣିଗ୍ରାହୀ, ସୁଜିତ ରଞ୍ଜନ ତ୍ରିପାଠୀ, ଡଃ ଅମ୍ବରୀଶ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଈଶ୍ୱରଧର ବଡ଼ଗୟାନ, ଅମିତ କର, ଅଲପେଶ କୁମାର ଦାଓଡ଼ା, ସୁଭାଶିଷ ନନ୍ଦ, ଶାଶ୍ୱତ ସୁମନ ଶର୍ମା କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ । ଅମିତ କର ଧନ୍ୟବାଦ ଅର୍ପଣ କରିଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

# କାଂଶୀରାମ ଜୟନ୍ତୀ ସମାରୋହ

**ବରଗଡ଼ ଅଫିସ୍,୧୬।୩**

ବରଗଡ଼ ସହର ମଙ୍ଗଳାପଡ଼ାରେ ବହୁଜନ ଆନ୍ଦୋଳନର ପୁରୋଧା ତଥା ସାମାଜିକ ସଂସ୍କାରକ କାଂଶୀରାମଙ୍କ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ୟୁଥ ଭୀମ ସଂଘ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶୁଦ୍ରମୁକ୍ତି ଅଭିଯାନର ଆବାହକ ପବିତ୍ର ଦେହେରୀ ଯୋଗଦେଇ କାଂଶୀରାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଛୋଟ ପିଲାମାନଙ୍କୁ କିଭଳି ଶିକ୍ଷିତ କରାଯାଇପାରିବ ଏବଂ ସାମାଜିକ ସଂସ୍କାର ଆସି ପାରିବ, ସେ ନେଇ ସୁଧୀର କୁମାର ନାଗ ନିଜ ବକ୍ତବ୍ୟ ରଖିଥିଲେ । ଏହା ସହିତ ପରିମଳ, ସ୍ୱଚ୍ଛତା ଏବଂ ରୋଜଗାର ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭବାନୀ ସାହୁ, ସୀତାରାମ ମେହେର, ଗୁଲାପୀ ସୁନା, ଜଗଦୀଶ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ମଙ୍ଗଳାପଡ଼ାର ରମେଶ ସୁନା, ଚନ୍ଦ୍ର କୁମ୍ଭାର, ଚରଣ ନାଗ, ସୁବାସିନୀ ନାଗ, ସଂଯୁକ୍ତା ନାଗ, କୁମୁଦିନୀ କୁମ୍ଭାର, ରୀନା ସାଗର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କାଂଶୀରାମଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୧୬।୩(ବ୍ୟୁରୋ) ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଫୁଲଝରନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲରେ ଶନିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା ସଭାପତି ଚତୁର ମାଝିଙ୍କ ଅଧକ୍ଷତାରେ ସଭାରେ ମୁଖ୍ୟ ଅତିଥି ଭାବେ ସୁରଜମଲ କଲେଜର ଅଧାପକ ଡ. ମନୋଜ ପଣ୍ଡା, ମୁଖ୍ୟବକ୍ତା ଭାବେ ବରଗଡ ମହିଳା କଲେଜର ଅଧ୍ୟାପକ ରାଧାକାନ୍ତ ମିଶ୍ର, ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ କବିଚନ୍ଦ୍ର ରାଉତ ଓ ସୋମନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଫୁଲଝରଣ ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଳମଣି ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଚିନ୍ତାମଣୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ଶେଷରେ ଛାତ୍ରୀଛାତ୍ର ମରୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲ।

### ହନୁମାନ ପୀଠ ପ୍ରତିଷ୍ଠା ଉତ୍ସବ

ପଡିଆବାହାଲ,୧୬।୩ (ଡି.ଏନ.ଏ.) ଜମନକିରା ବ୍ଲକ୍ ଖରସନମାଲ ପଞ୍ଚାୟତ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ହନୁମାନ ପୀଠ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି। ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବ ପାଇଁ ଶନିବାର କଳସ ଶୋଭାଯାତ୍ରା, କୁମ୍ଭପୂରଣ, ଅଙ୍କୁରରୋପଣ ଆଦି କାର୍ଯ୍ୟକ୍ରମ ହୋଇଛି। ରବିବାର ବିଗ୍ରହ ପ୍ରତିଷ୍ଠା ସହ ପୀଠ ସଂସ୍କାର କାର୍ଯ୍ୟ ଆଦି ଅନୁଷ୍ଠିତ ହେବ । ପ୍ରଶାନ୍ତ ନାୟକ, ମୋହନ ତ୍ରିପାଠୀ, ଗୋବିନ୍ଦ କର, ଅର୍ଜୁନ ମହାକୁର, ଟଙ୍କଧର କୁଅଁର, ହରିବନ୍ଧୁ ବଗର୍ତ୍ତି ଓ ଉପେନ୍ଦ୍ର କୁଅଁର ପ୍ରମୁଖ ସହଯୋଗ କରିଛନ୍ତି।

### ଆଜି କ'ଣ କେଉଁଠି

**ସମ୍ବଲପୁର**

ସମ୍ବଲପୁର ଜିଲା ବରିଷ୍ଠ ନାଗରିକ ସମାଜର ସାଧାରଣ ସଭା
ସ୍ଥାନ– ତପସ୍ୱିନୀ ପ୍ରେକ୍ଷାଳୟ
ସମୟ– ପୂର୍ବାହ୍ନ ୧୦ଟା।

ଜାତୀୟ ଫଟୋ ପ୍ରଦର୍ଶନୀ
ସ୍ଥାନ– ଚିତ୍ରଗୁପ୍ତ ମଣ୍ଡପ
ସମୟ– ପୂର୍ବାହ୍ନ ୧୦ଟା।

ଫଗୁଣ ମେଳା ସାଂସ୍କୃତିକ କାର୍ଯ୍ୟକ୍ରମ
ସ୍ଥାନ– ମନ୍ଦଲିଆ ପଡିଆ
ସମୟ– ରାତି ସାଢ଼େ ୮ଟା।

ଶ୍ରୀ ଶ୍ରୀ ଶତଚଣ୍ଡି ମହାଯଜ୍ଞ
ସ୍ଥାନ– ଗୁଡେଶ୍ୱର ଧାମ
ସମୟ– ସକାଳ ୮ଟା ।

ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ଆବେଦନ ସମୟ ୨୦ ଯାଏ ବୃଦ୍ଧି

# ଅନିଶ୍ଚିତତା ମଧ୍ୟରେ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ

ବାମରା,୧୬।୩(ସ୍ୱ.ପ୍ର.) ସମ୍ବଲପୁର ଜିଲା ବାମରା ବ୍ଲକ ଅଞ୍ଚଳରେ ଏକାଧିକ ଘରୋଇ ବିଦ୍ୟାଳୟ ଗଢ଼ିଉଠିଛି। ହେଲେ ଏଗୁଡ଼ିକର ସ୍ୱୀକୃତି ପ୍ରମାଣପତ୍ର (ଏନ୍‌ଓସି) ନାହିଁ। ଫଳରେ ଏହି ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏହି ବିଦ୍ୟାଳୟଗୁଡ଼ିକର ଛାତ୍ରୀଛାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଛନ୍ତି। ହେଲେ ଏନ୍‌ଓସି ନ ଥିବା କାରଣରୁ ଆବେଦନପତ୍ର ନାକଚ କରି ଦିଆଯାଇଛି। ଅଭିଭାବକମାନେ ଅଭିଯୋଗ କରିବା ପରେ ଶିକ୍ଷା ବିଭାଗ ଚେଇଁ ଉଠିଛି। ମାର୍ଚ୍ଚ ୧୫ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ଆବେଦନ ସମୟକୁ ୨୦ ତାରିଖ ପର୍ଯ୍ୟନ୍ତ ବର୍ଦ୍ଧିତ କରାଯାଇଛି। ହେଲେ ଆଜିପର୍ଯ୍ୟନ୍ତ ମଧ୍ୟ କୌଣସି ଘରୋଇ ବିଦ୍ୟାଳୟ ଏନ୍‌ଓସି ପାଇନାହାନ୍ତି। ଯଦି ସେମାନେ ୨୦ ତାରିଖ ମଧ୍ୟରେ ଏନ୍‌ଓସି ନ ପାଆନ୍ତି ତେବେ ସମ୍ପୃକ୍ତ ସ୍କୁଲର ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିପାରିବେ ନାହିଁ। ବାମରା ବ୍ଲକରେ ମୋଟ ୧୫ ଘରୋଇ ବିଦ୍ୟାଳୟ ରହିଛି। ଏହା ମଧ୍ୟରୁ ଅଧିକାଂଶ ବିଦ୍ୟାଳୟ ବିନା ସ୍ୱୀକୃତି ପ୍ରମାଣପତ୍ରରେ ଚାଲିଛି। ଚଳିତବର୍ଷ ଉକ୍ତ ବିଦ୍ୟାଳୟଗୁଡ଼ିକରୁ ପଞ୍ଚମ ଶ୍ରେଣୀ ପାସ୍ କରିଥିବା ଛାତ୍ରୀଛାତ୍ର ବାମରା ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ପାଇଁ ଆବେଦନ କରିଥିଲେ। ମାତ୍ର ଏନ୍‌ଓସି ନ ଥିବାରୁ ସେମାନଙ୍କ ଆବେଦନପତ୍ର ନାକଚ ହୋଇଯାଇଥିଲା। ଏ ନେଇ ଅଭିଭାବକମାନେ ଅଭିଯୋଗ କରିଥିବାବେଳେ ଘରୋଇ ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଶିକ୍ଷା ବିଭାଗ ପରସ୍ପରକୁ ଦୋଷ ଲଦିଥିଲେ। ଶେଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଶାସନ ପକ୍ଷରୁ ଆବେଦନ ତାରିଖ ମାର୍ଚ୍ଚ ୧୫ରୁ ମାର୍ଚ୍ଚ ୨୦କୁ ବର୍ଦ୍ଧିତ କରାଯାଇଛି। ଏନେଇ ବାମରା ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଦେବକରଣ ମାଝିଙ୍କୁ ପଚାରିବାରୁ ସେ କହିଲେ, ଯେଉଁ ଘରୋଇ ବିଦ୍ୟାଳୟର ଏନ୍‌ଓସି ନାହିଁ ସେହି ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପ୍ରବେଶିକା ପରୀକ୍ଷା ଆବେଦନ ଗ୍ରହଣ କରାଯିବ ନାହିଁ। ଏ ନେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରଶାସନର କଡ଼ା ନିର୍ଦ୍ଦେଶ ରହିଛି ବୋଲି ଅଧକ୍ଷ ମାଝି କହିଛନ୍ତି। ଅନ୍ୟପକ୍ଷରେ ଜିଲା ଶିକ୍ଷା ଅଧିକାରୀ (ଡିଇଓ) ସୁବୋଧ ଦାସ କହିଛନ୍ତି, ସମସ୍ତ ଘରୋଇ ବିଦ୍ୟାଳୟର ଆବଶ୍ୟକ କାଗଜପତ୍ର ସ୍କୁଲ ଓ ଗଣଶିକ୍ଷା ବିଭାଗ ଉଚ୍ଚ ଅଧିକାରୀଙ୍କୁ ପଠାଯାଇଛି। ମାର୍ଚ୍ଚ ୨୦ ପୂର୍ବରୁ ଏନ୍‌ଓସି ପ୍ରଦାନ ପାଇଁ ଅନୁରୋଧ କରାଯାଇଛି। ଯଦି ଉକ୍ତ ସମୟ ମଧ୍ୟରେ ଏନ୍‌ଓସି ମିଳିଯାଏ ତେବେ ଛାତ୍ରୀଛାତ୍ର ୨୪ ତାରିଖ ପ୍ରବେଶିକା ପରୀକ୍ଷା ଦେଇପାରିବେ। ନଚେତ୍ ପରୀକ୍ଷାରୁ ବଞ୍ଚିତ ହେବେ ବୋଲି ଡିଇଓ ଦାସ କହିଛନ୍ତି। ତେବେ ଘରୋଇ ବିଦ୍ୟାଳୟ ଓ ଶିକ୍ଷା ବିଭାଗର ଅବହେଳା ଯୋଗୁ ବର୍ତ୍ତମାନ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାରୁ ବଞ୍ଚିତ ହେବା ସହ ସେମାନଙ୍କ ଭବିଷ୍ୟତ ଅନିଶ୍ଚିତତା ମଧ୍ୟରେ ରହିଥିବାରୁ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।




### ଭିସୁଟ୍‌ରେ ଜଳ ସୁରକ୍ଷା, ସଂରକ୍ଷଣ ଉପରେ କର୍ମଶାଳା

ଚିପିଲିମା,୧୬।୩(ଡି.ଏନ.ଏ.) ବୁର୍ଲାସ୍ଥିତ ଭିସୁଟ ପରିସରରେ ଜଳ ସୁରକ୍ଷା ଓ ସଂରକ୍ଷଣ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଇଞ୍ଜିନିୟରିଂ ମହାବିଦ୍ୟାଳୟରୁ ଏବଂ ଭିସୁଟରୁ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ । ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ଶିକ୍ଷକ ଓ ଗବେଷକ ଯୋଗ ଦେଇ ଆଲୋଚନା କରିଥିଲେ। ଜଳ ଓ ପରିବେଶବିତ ରଞ୍ଜନ କିଶୋର ପଣ୍ଡା ଜଳ ସମ୍ବନ୍ଧୀୟ ଅନେକ ବ୍ୟବହାରିକ ଦିଗ ଗୁଡିକର ଆଲୋଚନା କରିଥିଲେ। କୁଳପତି ପ୍ରଫେସର ଅଟଳ ଚୌଧୁରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଡିନ୍ ପ୍ରଫେସର ପୀୟୂଷରଞ୍ଜନ ଦାଶ, ପ୍ରଫେସର ସଞ୍ଜୟ କୁମାର ପାତ୍ର, ପ୍ରଫେସର ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଡ. ଅନିଲ କର ଏବଂ ଡ. ଭାରତୀ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ।

## ଫୁଲଚାଙ୍ଗୁଡ଼ି ଗ୍ରାମବାସୀ ବନ୍ଦ କଲେ ଆଦିତ୍ୟ ଆଲୁମିନିୟମର ପାଉଁଶ ପରିବହନ

ରେଙ୍ଗାଲି, ୧୬।୩ (ଡି.ଏନ.ଏ) ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କାରଖାନାର ପାଉଁଶ ଯୋଗୁ କାରଖାନା ପାଖରେ ଥିବା ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ରେଙ୍ଗାଲି ଅଞ୍ଚଳରେ ପବନ ବୋହିବାରୁ ଆଦିତ୍ୟ ଆଲୁମିନିୟମ କାରଖାନାର ପାଉଁଶ ପୋଖରୀରୁ ପାଉଁଶ ଉଡି ପାଖରେ ଥିବା ଫୁଲଚାଙ୍ଗୁଡି ଗ୍ରାମର ଗ୍ରାମବାସୀଙ୍କ ଘରେ ପଶି ଯାଇଥିଲା । ଏଣୁ ଫୁଲଚାଙ୍ଗୁଡି ଗ୍ରାମ ପାଉଁଶରେ ଭରି ଯାଇଥିଲା । ଘରେ ଥିବା ପିଇବା ପାଣି, ସାମଗ୍ରୀରେ ପାଉଁଶର ଅବରଣ ପଡି ଯାଇଥିଲା । ଲୋକମାନଙ୍କର ଆଖି, କାନ, ନାକରେ ପାଉଁଶ ଗୁଣ୍ଡ ପଶି ଯାଇଥିଲା। ଶନିବାର ଫୁଲଚାଙ୍ଗୁଡି ଗ୍ରାମବାସୀ ଆଦିତ୍ୟ ଆଲୁମିନିୟମ କାରଖାନାରେ ପହଞ୍ଚି ପାଉଁଶ ପରିବହନକୁ ବନ୍ଦ କରି ଦେଇଥିଲେ। ଗ୍ରାମବାସୀଙ୍କ ଦାବି ହେଲା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପ୍ରଶାସନ ଓ କାରଖାନାର ବରିଷ୍ଠ କର୍ମଚାରୀମାନେ ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମାଧାନ କଲା ପରେ ପାଉଁଶ ପରିବହନ ହେବ। ବିନା ସମାଧାନରେ କମ୍ପାନୀ ପାଉଁଶ ପରିବହନ କଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ଏଥିପାଇଁ କମ୍ପାନୀ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ । ଫୁଲଚାଙ୍ଗୁଡି ଗ୍ରାମର ସୁରେଶ କିଷାନ, ପ୍ରଦୀପ ଭୁଏ, ଦୁର୍ଗା ମିର୍ଦ୍ଧା, କୁଞ୍ଜବିହାରୀ ମାଝୀ, ହୃଷୀକେଶ ଭୁଏ, ସୁଶୀଲ କିଷାନ, ସୁକାନ୍ତି ପଧାନ, ବବିତା ଭୁଏ, ସ୍ୱରୂପା ଝାଙ୍କର, ମୀନା କୁମାରୀ ମାଝି ଏବଂ ଗ୍ରାମବାସୀ କମ୍ପାନୀର ପାଉଁଶ ପରିବହନ ବନ୍ଦ କରିଥିଲେ ।

## ରେଢ଼ାଖୋଲ ବିଜେଡିରେ ବିଦ୍ରୋହ

- ରୋହିତଙ୍କ ଅଜ୍ଞାତରେ ନେତା, କର୍ମୀ ବୈଠକ କଲେ
- ଖବର ପାଇ ଛାନିଆରେ ପହଞ୍ଚିଲେ ବିଧାୟକ
- ୪ ବର୍ଷ ହେଲା ଅଣଦେଖା ଅଭିଯୋଗ କଲେ କର୍ମୀ
- କର୍ମଚାରୀ ଅଯଥା ହସ୍ତକ୍ଷେପ କରୁଥିବାରୁ ଅସନ୍ତୋଷ

ରେଢ଼ାଖୋଲ, ୧୬।୩ (ଡି.ଏନ.ଏ.) ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ ନିର୍ବାଚିତ ହେବାର ବର୍ଷେ ପରଠୁ ତାଙ୍କ ପାଖ ଲୋକ କୁହାଯାଉଥିବା କେତେକ କର୍ମଚାରୀଙ୍କ ମାତ୍ରାଧିକ କାର୍ଯ୍ୟକଳାପରେ ଅସନ୍ତୋଷ ଥିବା ଦଳୀୟ କର୍ମକର୍ତ୍ତା ଶେଷରେ ଶନିବାର ବିଦ୍ରୋହ କରିଛନ୍ତି। ଏହି ଖବର ପାଇ ବିଧାୟକ ଛାନିଆରେ ପହଞ୍ଚି ଥିଲେ। ଦଳୀୟ କର୍ମକର୍ତ୍ତା ଓ ବିଧାୟକଙ୍କ ମଧ୍ୟରେ ଉଚ୍ଚବାଚ ଓ କଥାକଟି ହୋଇଥିଲା। ଶେଷରେ ବିଧାୟକ ଭୁଲ୍ ସ୍ୱୀକାର କରିଥିଲେ। ଏଣିକି ସେ ଏଭଳି ଭୁଲ୍ ଆଉ କରିବେ ନାହିଁ ବୋଲି ବାଧ ହୋଇ ନେତା ଓ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଘଟଣା ଶନିବାର ରେଢ଼ାଖୋଲ ଉପଖଣ୍ଡରେ ଚର୍ଚ୍ଚାର ବିଷୟ ହୋଇଛି ।

ଶନିବାର ସ୍ଥାନୀୟ କଲେଜ ଛକ ନିକଟ ଭୀମ ଭୋଇ ସେବା ସଦନଠାରେ ପୂର୍ବତନ ବ୍ଲକ ଅଧକ୍ଷ ତଥା ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନଙ୍କ ଏକ ବୈଠକ ଚାଲିଥିଲା । ବୈଠକରେ କାଉନସିଲର ଲକ୍ଷ୍ମଣ ପଧାନ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପଧାନ, ପୁରୁଷୋତ୍ତମ ଅଗ୍ରୱାଲ, ନଗର ସଭାପତି ସୁରେନ୍ଦ୍ର ବିଶ୍ୱାଳ, ଚିନ୍ମୟ ପଣ୍ଡା, କ୍ଷୀରୋଦ ଖିଲାରୀ, ଦିଲୀପ ପଧାନ, ବଣ୍ଟି ସିଂ, ଶୁକଦେବ ମୁରେଇ, ସୁଶାନ୍ତ ପ୍ରଧାନ, ସୁଧାଂଶୁ ଅମାଦ, ଦତ୍ତ କୁମାର ବିଶ୍ୱାଳଙ୍କ ସମେତ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଦଳୀୟ ସଂଗଠନ ଓ ଦଳୀୟ ଟିକେଟ ପାଇବା ପ୍ରାର୍ଥୀଙ୍କୁ ସମର୍ଥନ କରିବାକୁ ନେଇ ଆଲୋଚନା ହୋଇଥିଲା । ଏଥି ସହିତ ଗତ ୪ବର୍ଷ ଧରି ବିଧାୟକ ଦଳୀୟ କର୍ମକର୍ତ୍ତାଙ୍କୁ ଅଣଦେଖା କରିବା ଓ ତାଙ୍କର କେତେକ କର୍ମଚାରୀ ଦଳୀୟ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରିବା ସହ ବିଭିନ୍ନ ସରକାରୀ କାର୍ଯ୍ୟରେ ମଧ୍ୟ ମାତ୍ରାଧିକ ହସ୍ତକ୍ଷେପକୁ ନେଇ ଦଳୀୟ କର୍ମକର୍ତ୍ତା ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକ ଚାଲିଥିବା ବେଳେ ହଠାତ ବିଧାୟକ ରୋହିତ ପୂଜାରୀ ଓ କେତେକ ଦଳୀୟ କର୍ମକର୍ତ୍ତା ପହଞ୍ଚି ଏଭଳି ବୈଠକର ଉଦ୍ଦେଶ୍ୟ ଓ ତାଙ୍କୁ ବୈଠକକୁ ଡକା ନ ଯିବା ସମ୍ପର୍କରେ ପଚାରି ଥିଲେ। ଫଳରେ ଦଳୀୟ କର୍ମକର୍ତ୍ତା ବିଭିନ୍ନ ସମୟରେ ସେ ଓ ତାଙ୍କ କର୍ମଚାରୀମାନେ କରିଥିବା କାର୍ଯ୍ୟକଳାପକୁ ନେଇ ବିଧାୟକଙ୍କୁ ପ୍ରଶ୍ନ କରିଥିଲେ । ଏହାକୁ ନେଇ ବିଧାୟକଙ୍କ ସହ ଥିବା କେତେଜଣ ସହକର୍ମୀ ଓ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ବିଧାୟକ ହସ୍ତକ୍ଷେପ କରି ପୁନର୍ବାର ଏଭଳି ଭୁଲ୍ ହେବ ନାହିଁ । କର୍ମକର୍ତ୍ତାଙ୍କୁ ନେଇ କାର୍ଯ୍ୟ କରାଯିବ ବୋଲି କହିଥିଲେ । ତେବେ ବିଧାୟକଙ୍କ କାର୍ଯ୍ୟକଳାପରେ ଅସନ୍ତୁଷ୍ଟ ଥିବା କର୍ମକର୍ତ୍ତାଙ୍କ ଏଭଳି ବିଦ୍ରୋହକୁ ନେଇ ଆସନ୍ତା ନିର୍ବାଚନରେ କି ପ୍ରଭାବ ପଡୁଛି ତାହା ପରବର୍ତ୍ତୀ ପର୍ଯ୍ୟାୟରେ ଜଣାପଡିବ। ଏ ନେଇ ରୋହିତ କହିଛନ୍ତି ଯେ, ଏମିତି ଅସନ୍ତୋଷ କର୍ମୀଙ୍କ ଭିତରେ ଥାଏ। ଏହାର ସମାଧାନ ହୋଇଛି। ସମସ୍ତେ ମିଳିମିଶି ଏଣିକି ଦଳ ପାଇଁ କାମ କରିବୁ।

## ନିର୍ବାଚନ ପାଇଁ ଜିଲାରେ ଖୋଲିଲା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍

ଦେବଗଡ,୧୬।୩(ସ୍ୱ.ପ୍ର) ଦେବଗଡ ଜିଲାରେ ଆଗାମୀ ସାଧାରଣ ନିର୍ବାଚନ ୨୦୧୯କୁ ଆଖିଆଗରେ ରଖି ଜିଲାରେ ୨୪ ଘଣ୍ଟିଆ କଣ୍ଟ୍ରୋଲ କାର୍ଯ୍ୟାଳୟ ଖୋଲାଯାଇଛି। ଜିଲାରେ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟର ସୁପରିଚାଳନା ପାଇଁ ଖୋଲାଯାଇଥିବା ଏହି କଣ୍ଟ୍ରୋଲ ରୁମ୍ ଟେଲିଫୋନ ନଂ. ୦୬୬୪୧-୨୨୩୫୯ ରଖାଯାଇଛି। ନିର୍ବାଚନ କାର୍ଯ୍ୟ ଶେଷ ପର୍ଯ୍ୟନ୍ତ ଏହି କଣ୍ଟ୍ରୋଲ ରୁମ୍ କାର୍ଯ୍ୟ କରିବ। ଜନସାଧାରଣ ନିର୍ବାଚନ ବିଷୟରେ କୌଣସି ଖବର ଏହି ନଂ. ରେ ସୂଚନା ଦେଇପାରିବେ।

ଚିପିଲିମା ପାଏନ୍‌ଟାଁକି ପଡ଼ାରେ ନଲ୍‌ଚୁଆଁ ଅଚଳ

## କେନାଲର ଦୂଷିତ୍ ପାଏନ୍ ପିଉଛନ୍ ପଡ଼ାବାସୀ



ପାଏନ୍‌ଟାଁକି ପଡ଼ାରେ ଥିବାର ନଲ୍‌ଚୁଆଁର ଅବସ୍ତା।

ଚିପିଲିମା, ୧୬।୩ (ଡି.ଏନ.ଏ) ସମ୍ବଲପୁର ଜିଲା ଧନ୍‌କଉଡ଼ା ବ୍ଲକ କର୍ଡ଼ୋଲା ପଁଚେତ୍ ଚିପିଲିମା ପାଏନ୍‌ଟାଁକି ପଡ଼ାବାସୀ ପିଇଲା ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଥିଲେ। ପଡ଼ାବାସୀକର ଗୁଲଗୁଲାକେ ଦେଖି ପରଶାସନ ଦୁଇ ବଛର ତଲେ ପଡ଼ାନେ ଗୁଟେ ନଲ୍‌ଚୁଆଁ କୁଡ଼େଇଥିଲା। ପାଏନ୍ ସମସିଆ ଦୂର ହେଲା ଭାବି ପଡ଼ାବାସୀ ଖୁସ୍ ହେଇଯାଇଥିଲେ। ବଛରେ ତକ୍ ନଲ୍‌ଚୁଆଁଟା ଘିଡ଼ଘିଡ଼ାଡେଲ ଚାଲ୍‌ଲା। ହେଲେ ପଛେ କାଣା ହେଲା କେ ଯାନେ ନଲ୍‌ଚୁଆଁରୁ ଆର ପାଏନ୍ ନାଇଁ ବାହାରଲା। ପଡ଼ାବାସୀ ଇ ବାବ୍‌ଦେ ୱାର୍ଡ ମେମର, ସରପଁଚ୍, ବ୍ଲକ ଚେୟାରମ୍ୟାନକେ ଗୁହାରି କଲେ। ଲୋକ୍ ନଲ୍‌ଚୁଆଁ ସଜାବାକେ ଆଏଲେ, ଉପରର ଖାପନିଟା ହିଟେଇ ଝନ୍‌କର ଘରେ ଥୁଇଦେଇ ଗଲେ ଯେ ଯାଇଛନ୍। ଇ ବାବ୍‌ଦେ ପଡ଼ାବାସୀ ଫେନ୍‌ଘାଏ ସରପଁଚ୍‌ନୁ ମୂଳ କରି ଚେୟାରମ୍ୟାନ ତକ୍ ସମକୁ ଗୁହାରି କରି ନିରାଶ ହେଇଛନ୍। ଇଆଡ଼େ ଖରାଦିନ୍ ମାଡ଼ିଆସୁଛେ, ପଡ଼ାବାସୀ ପିଇଲା ପାଏନ୍ ଲାଗି ଡହକ୍‌ବିକଲ ହେଉଛନ୍। ଶେଷେ ପଡ଼ାବାସୀ ଉପେ ଶୂଇନ୍ ହେଇ ପାସର କେନାଲ ପାଏନ୍ ଖାଏବା ପିଇବାରେ ବେଭାର କରୁଥିବାର ଅଭିଯୋଗ କରିଛନ୍। ଇ ଦିଗେ ଥାନୀୟ ପରଶାସନ ଦୁରୁଷ୍ଟି ଦେଇ ଯେତେ ଜଲଦି ହେବା ନଲ୍‌ଚୁଆଁ ମରାମତି କରବାକେ ପଡ଼ାବାସୀ ଦାବି କରିଛନ୍।

### ସମସିଆ ବାବ୍‌ଦେ ପଡ଼ାର ମହିଲାମାନେ ଯାହା କହିଛନ୍...



କୌଶଲ୍ୟା ନାଏକ | ସୁରେଖା ବାର୍ଲା | ଶୋଭା ନାୟକ | ପୂର୍ଣ୍ଣିମା ନାଏକ

" ଆଗରୁ ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଥିଲୁଁ, ପଛେ ନଲ୍‌ଚୁଆଁ କୁଡ଼ାହେଲା। ଭାବିଥିଲୁଁ ଆମର ଦୁଖ୍‌ଗଲା, ହେଲେ ଏହେଦେ ଯେନ୍ ଅବସ୍ତାକେ ସେ ଅବସ୍ତା।

–କୌଶଲ୍ୟା ନାଏକ, ପଡ଼ାବାସୀ

" ଆଗିଆଁ ପାଏନ୍ ଲାଗି ବଡ଼ା ଗୁଲଗୁଲା ହେଉଛୁଁ। ନଲ୍‌ଚୁଆଁ ସଜାବାକେ ବ୍ଲକ ଚେୟାରମ୍ୟାନକୁ ବି ଗୁହାରି କରିଛୁଁ। ହେଲେ କେହି ଆମର କଥା ନାଇଁ ଶୁନବାର।

–ସୁରେଖା ବାର୍ଲା, ପଡ଼ାବାସୀ

" ପିଇଲା ପାଏନ୍ ଲାଗି ବଡ଼ା ଗୁଲଗୁଲା ହେବାକେ ହେଉଛେ। ନଲ୍‌ଚୁଆଁଟା ଅଚଲ ହେଇ ପଡ଼ିଛେ, ସଜାତେ ବଏଲେ ହେତା। ବନେ ଦୂରିଆନୁ କେନାଲୁ ପାଏନ୍ ଆନବାକେ ହେଉଛେ।

–ଶୋଭା ନାୟକ, ପଡ଼ାବାସୀ

" ଆଗିଆଁ ସରକାର କୋଟି କୋଟି ଟଁକା ଖରଚ୍ କରି ଲୁକ୍‌କର ଲାଗି ପିଇଲା ପାଏନ୍‌ର ସୁବିଧା କରୁଛନ୍। ହେଲେ ଆମର ପଡ଼ାନେ ନଲ୍‌ଚୁଆଁ ମରାମତି କରବାକେ ବି କେହି ଧିଆନ୍ ନାଇଁଦେବାର।

–ପୂର୍ଣ୍ଣିମା ନାଏକ, ପଡ଼ାବାସୀ

ପାବଡେରାରେ ପାୱାର ଚ୍ୟାନେଲ ଜଳ ନିଷ୍କାସନ ଗେଟ୍ ପରିଚାଳନାରେ ଅବ୍ୟବସ୍ଥା

## ମାଛ ଧରିବାକୁ ଗେଟ୍ ଖୋଲିଦେଲେ ଦୁର୍ବୃତ୍ତ

- ତାଲପଦରବାସୀଙ୍କ ଚାଷ ଜମି ଜଳାର୍ଣ୍ଣବ
- ସିଏଚଇପି କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ
- ଗ୍ରାମବାସୀଙ୍କ ସହଯୋଗରେ ଗେଟ୍ ବନ୍ଦ ହେଲା

ଚିପିଲିମା, ୧୬।୩ (ଡି.ଏନ.ଏ.) ଓଡ଼ିଶା ଜଳବିଦ୍ୟୁତ ନିଗମ (ଓଏଚପିସି) ଅଧୀନ ବୁର୍ଲା–ଚିପିଲିମା ପାୱାର ଚ୍ୟାନେଲ ମଝିରେ ରହିଛି ପାବଡେରା ଆପାତକାଳୀନ ଗେଟ୍ । କୌଣସି ଜରୁରି ସ୍ଥିତିରେ ଏହି ଗେଟ୍ ଖୋଲା ଯାଇଥାଏ। ଏଥିପାଇଁ ପୂର୍ବରୁ ଗେଟ ପରିଚାଳନା ପାଇଁ କର୍ମଚାରୀ ନିୟୋଜିତ ରହୁଥିଲେ । ହେଲେ ବର୍ତ୍ତମାନ ସେ ଜାଗାରେ କୌଣସି କର୍ମଚାରୀ ନିୟୋଜିତ ନାହାନ୍ତି । ମୁକୁଳା ହୋଇ ପଡି ରହିଛି । ଗେଟରେ ତାଲା ପକାଇବାର ବ୍ୟବସ୍ଥା ମଧ୍ୟ ନାହିଁ । ଏଥିପାଇଁ ସିଏଚଇପି ପକ୍ଷରୁ ଲକ୍ଷାଧିକ ଦରମା ପଇଠ କରି ୟୁଟିଲିଟି ମ୍ୟାନେଜର ମଧ୍ୟ ନିଯୁକ୍ତ କରାଯାଇଛି । ହେଲେ ଅଧିକାରୀଙ୍କ ଅବହେଳା ପାଇଁ ଦୁର୍ବୃତ୍ତ ମାଛ ଧରିବା ଉଦ୍ଦେଶ୍ୟରେ ଗେଟ୍ ଖୋଲି ଦେଇ ଚାଲି ଯାଉଛନ୍ତି। ଫଳରେ ଅତ୍ୟଧିକ ଜଳ ନିଷ୍କାସନ ହୋଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତଳମୁଣ୍ଡରେ ଥିବା ଚାଷ ଜମି ଜଳାର୍ଣ୍ଣବ ହେଉଛି। ଶନିବାର ତଳମୁଣ୍ଡରେ ଥିବା ବସନ୍ତପୁର ପଞ୍ଚାୟତର ତାଳପଦର ଗ୍ରାମବାସୀ ଚିପିଲିମା ପୋଲିସ ଓ ସିଏଚଇପି କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏହାପରେ ଗ୍ରାମବାସୀଙ୍କୁ ନେଇ ଗେଟ୍ ବନ୍ଦ କରାଯାଇଛି । ଅପରପକ୍ଷରେ ଏପରି ସ୍ଥିତିରେ ସିଏଚଇପି କର୍ତ୍ତୃପକ୍ଷଙ୍କ ଅବହେଳା ପଦାରେ ପଡିଛି । ଏପରି ଏକ ଘଟଣା ବାବଦରେ ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ (ସିଏଚଇପି) ମୁଖ୍ୟ ଇଂ. ଦେବାଶିଷ ମିଶ୍ରଙ୍କୁ ପଚରାଯିବା ପାଇଁ ଅନେକ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବପର ହୋଇ ନ ଥିଲା ।





ଶନିବାର ସମ୍ବଲପୁର କଚେରି ଛକଠାରେ ସମ୍ବଲପୁରୀ ଆଲବମ୍ ରାଜା ବାବୁର ସୁଟିଂ ଚାଲିଛି (ବାମ) । ସମ୍ବଲପୁର ମହିଳା କଲେଜ ଛାତ୍ରୀମାନେ ପରୀକ୍ଷା ସମସ୍ୟାକୁ ନେଇ ଶନିବାର ସମ୍ବଲପୁର ବିଶ୍ୱ ବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ସୂର୍ଯ୍ୟକାନ୍ତ ନାଏକଙ୍କୁ ଭେଟି ଆଲୋଚନା କରୁଛନ୍ତି।

### ଶୋଇଥିବା ଦୁଇ ଯୁବକଙ୍କୁ ପଥରରେ ଛେଚିଦେଲେ

ଭୁବନେଶ୍ୱର,୧୬।୩ (ବ୍ୟୁରୋ)- ଶନିବାର ଭୋରରୁ ମାଷ୍ଟରକ୍ୟାଣ୍ଟିନ ଛକ ନିକଟ ଲୋୟର ପିଏମ୍‌ଜି ଫୁଟ୍‌ପାଥ୍‌ରେ ଶୋଇଥିବା ଦୁଇ ଯୁବକଙ୍କ ମୁଣ୍ଡକୁ ଦୁର୍ବୃତ୍ତମାନେ ପଥରେ ଛେଚି ହତ୍ୟା ଉଦ୍ୟମ କରିଛନ୍ତି। ସେମାନଙ୍କ ମୁଣ୍ଡ ଫାଟିଯାଇଥିବାବେଳେ ଗୁରୁତର ଅବସ୍ଥାରେ ପିସିଆର୍ ପୋଲିସ ସେମାନଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଆହତ ଦୁଇ ଯୁବକ ହେଲେ ହାତି ବେହେରା ଓ ଭଗବାନ କାଣ୍ଡି। ସେମାନଙ୍କ କହିବାନୁଯାୟୀ, ଦୁହେଁ ଭିନ୍ନ ଭିନ୍ନ ସ୍ଥାନରେ ଶୋଇଥିଲେ। ଜଣେ ଦୁର୍ବୃତ୍ତ ଏକ ପଥର ଆଣି ପ୍ରଥମେ ହାତିଙ୍କୁ ଓ ପରେ ଭଗବାନଙ୍କୁ ଆକ୍ରମଣ କରିଥିଲେ। ଉଭୟ ଚିତ୍କାର କରିବା ପରେ ଦୁର୍ବୃତ୍ତଜଣକ ଦୌଡି ପଳାଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୮ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ରବିବାର, ମାର୍ଚ୍ଚ ୧୭/୨୦୧୯ Sambalpur, Sunday, March 17 / 2019

# ପେଟର ଲାଗି ବାଜି ଲାଗୁଛେ ଜୀବନ୍

**ଜାମଟିକ୍ରା, ୧୬।୩ (ଡି.ଏନ.ଏ)**

ଯୁଗ୍ ବଦିଲବାର ସଂଗେ ଆମର ଚାଲିଚଲନ, ବେଶଭୂଷା, ସଂସ୍କୃତିରେ ପରିବରତନ୍ ଆସିଛେ। ବହୁତ ଜାଗାରେ ଆମେ ଆମର ସଂସ୍କୃତିନୁ ଦୂରେଇ ଯାଉଛୁଁ। ଏହେଦେ ବିହାଘର ରତୁ ଚାଲିଛେ। ଗାଁଗଁଲିନୁ ସହର ତକ୍ ସବୁନେ ବଜାଗଜାରେ ଗଜ୍‌ଗଜେଇ ଯାଉଛେ। ବରପିଲା ବରଯାତରି ଦଲ ସଂଗେ ବଜାଗଜା ବଜେଇ ଭିନେ ଭିନେ ଗଲି ଦେଇ କନିଆଁ ଟୁକେଲ ଘରେ ପୁହୁଁଚୁଛେ। ଇ ସମିଆରେ ଫଟକରା, ଡିଜେ ବଜେଇ ସଭେ ଭୋଲ ହେଇ ନାଚୁଛନ୍। ହେଲେ ଇ ଉସତ୍ ଆନଂଦ୍ ଭିତରେ ବି ଆମର ସମାଜରେ ଏନ୍‌ତା କେତେ ଲୋକ୍ ଅଛନ୍ ଯେନ୍‌ମାନେ ପେଟର ଲାଗି ନିଜର ଜୀବନ୍‌କେ ବାଜି ଲଗଉଛନ୍।

ଆଏଜ୍‌କାଲି ବିହାଘରମାନକୁ ବରଯାତ୍‌ରି ଦଲ ହଜାର ହଜାର ଟଁକାର ଫଟକରା ଫୁଟଉଛନ୍, ଡିଜେ ବଜଉଛନ୍, ବିଦ୍ୟୁତ୍ ସଂଯୋଗ କରି ରଂଗୀନ ବିଜଲିବତୀ ସଜାଯାଉଛେ। ଇଥିରେ ଅନେକ ବିପତ୍ ରହିଥିଲେ ବି ଲୋକ୍ ଜାନିଶୁନି ଡୁମ୍‌ପଡୁଛନ୍। ଇ ସବୁର ଲାଗି ଅନେକ ସରକାରୀ ନିୟମ ରହିଛେ, ହେଲେ ଅନେକ ଜାଗାରେ ଲୋକ୍ ଅନ୍‌ଦେଖା କରୁଛନ୍। ସେନ୍‌ତା ବରଯାତରି ଦଲ୍‌ରେ ଅତି ଗରିବ୍ ମାଏକିନାମାନେ ଟଁକା ୩ଶହ ପାଏବାର ଆଶ୍‌ରେ ବିଜ୍‌ଲିବତୀ ଖଁଜା ହେଇଥିବାର ଫୁଲଗାମଲା ମୁଡ଼େ ବୁହିବାର ଲାଗି ସାମିଲ ହେଉଛନ୍। ଅନେକ ମହିଲା ବିପଦ୍‌ଜନକ୍ ଅବସ୍‌ତାରେ ନିଜର କଅଁଲି ଛୁଆକେ ପିଠିଆଡ଼େ ଝୁଲେଇ ଫୁଲଗାମଲା ବୁହୁଥିବାର ଦେଖିବାକେ ମିଳୁଛେ। ଫୁଲଗାମଲାମାନକେ ଜେନେରେଟରରୁ ତାର ଖଁଜା ହେଇ ରଂଗୀନ ବିଜଲିବତୀକେ ବିଦ୍ୟୁତ୍ ସପ୍ଲାଏ ହେଉଛେ। ଦେଖନ୍‌ହାରିକୁ, ବରଯାତ୍‌ରି ଦଲ୍‌କେ ଇ ସବୁ ବହୁତ୍ ସୁଁଦର ଲାଗିଛେ। ହେଲେ କେତେବେଲେ କେନ୍‌ପରକାର ଅସାବ୍‌ଧାନତାର ଲାଗି କାହାର ଜୀବନ୍ ପଲେଇଯିବା କିଛି କହି ନାଇଁହୁଏ। ଏନ୍‌ତା କାମ୍‌ରେ ନିୟୋଜିତ ଥିବାର କେତେ ମହିଲାକୁଁ ପଚରାଲାରୁ ପେଟ୍ ପାଲବାର ଲାଗି ଇ ସବୁ କରୁଛୁଁ ବଲି କହିଥିଲେ। ଅଭାବ ଅନାଟନ ଲାଗି ଇମାନେ ନିଜର ଜୀବନ୍‌ର ସୁରକ୍ଷା ଦିଗ୍‌କେ ବି ଅନଦେଖା କରୁଛନ୍। ଲୋକମାନେ ଅଲପ୍ ସମିଆର ଖୁସିକେ ଟଁକା ଦେଇ ଘିନବାର ସଂଗେ ଗରିବ୍ ଦୁଖିକର ଜୀବନ୍ ସଂଗେ ଖେଲ ଖେଲୁଛନ୍। ଇ ଫୁଲଗାମଲା ବୁହା କାମ୍‌ରେ ନିୟୋଜିତ ଥିବାର ଝନେ ମହିଲା ରତନୀ ଝା'କୁଁ ପଚରାଲାରୁ ମୋର ଛୁଆ ୬ ମାସର ହେଇଥିଲା ଆପନେ ମରିଗଲେ। କୁଟୁମ ଚଲାବାର ଲାଗି ଆର କେହି ନାଁଇଁନ। ମୁଇଁ ନିହାତି ଗରିବ୍ ହେଇଥିବାର ଲାଗି ଉପେ ଶୂଇନ୍ ହେଇ ଇ କାମ୍ କରୁଛେଁ ବଲି କହିଥିଲେ। ସେନ୍‌ତା ଇ ବାବ୍‌ଦେ ନିକିତା ଖର୍ସେଲକୁଁ ପଚରାଲାରୁ ଆମେ ଜାନିଛୁଁ ଯେ ଇଥିରେ ଆମର ଜୀବନ୍‌କେ ବିପଦ୍ ଅଛେ, ହେଲେ ଆମରନେ ଅଲଗ୍ କିଛି ଉପେ ନାଁଇଁନ। ସେଥିରଲାଗି ଆମେ ଟଁକା ୩ଶହ ଲାଗି ଜୀବନ୍‌କେ ବାଜି ଲଗଉଛୁଁ ବଲି କହିଥିଲେ। ଆଜିକାଲି ଇ ସବୁ ଗୁଟେ ଫେଶନ ହେଇଥିଲାବେଲେ ଥାନୀୟ ପରଶାସନ, ପୁଲିସ, ଶ୍ରମବିଭାଗ ଅନଦେଖା କରୁଛେ। ଯେନ୍‌ଥିରଲାଗି ଅନେକ ଦୁଖି ଗରିବ ପେଟର ଲାଗି ନିଜର ଜୀବନ୍‌କେ ବାଜି ଲଗଉଛନ୍। ଇ ଦିଗେ ରାଏଜ୍ ସରକାର କଡ଼ା ପଦକ୍ଷେପ ନେବାର କଥା ବଲି ବୁଧିଜୀବୀ ମହଲରେ ଦାବି ହେଉଛେ।



ଝନେ ମା' ୬ ମାସିଆ ଛୁଆକେ ପିଠିରେ ଝୁଲେଇ ଫୁଲଗାମଲା ବୁହିଛନ୍।

# ଠେଙ୍ଗାରେ ପିଟି ପୁଅକୁ ହତ୍ୟା

## ■ଥାନାରେ ଆତ୍ମସମର୍ପଣ କଲେ ବାପା

**ଭବାନୀପାଟଣା, ୧୬।୩(ଡି.ଏନ୍.ଏ.)**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା କର୍ଲାପଡ଼ା ଫାଣ୍ଡି ଅନ୍ତର୍ଗତ ବୋରିଙ୍ଗପଦର ଗ୍ରାମର ଜମିବାଡି ଭାଗବଣ୍ଟାକୁ ନେଇ ଶନିବାର ଏକ ଅଭାବନୀୟ ଘଟଣା ଘଟିଛି। ବାପାଙ୍କ ଠେଙ୍ଗା ମାଡ଼ରେ ପୁଅର ମୃତ୍ୟୁ ଘଟିଛି। ହତ୍ୟାକାରୀ ବାପା ଭବାନୀପାଟଣା ସଦର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ବୋରିଙ୍ଗପଦର ଗ୍ରାମର ଟପିମଣି ସାହୁ ଓ ପୁଅ ସନ୍ତୋଷ ସାହୁଙ୍କ ମଧ୍ୟରେ ଜମିବାଡି ଭାଗବଣ୍ଟା ଓ ଧାନ ବଣ୍ଟନକୁ ନେଇ ଗତ କିଛି ମାସ ହେଲା ଗଣ୍ଡଗୋଳ ଲାଗି ରହିଥିଲା। ହେଲେ ଶନିବାର ସକାଳ ପ୍ରାୟ ୮ଟା ବାପ ପୁଅଙ୍କ ମଧ୍ୟରେ ଗଣ୍ଡଗୋଳ ଉଗ୍ରରୂପ ଧାରଣ କରିଥିଲା। ଏଥିରେ ବାପା ଟପିମଣି ଉତ୍‌କ୍ଷିପ୍ତ ହୋଇ ଏକ ଠେଙ୍ଗାରେ ପୁଅ ସନ୍ତୋଷଙ୍କୁ ଆକ୍ରମଣ କରିଥିଲେ। ଫଳରେ ସେ

### ଜମିବାଡ଼ି ଗଣ୍ଡଗୋଳ

ଗୁରୁତର ଆହତ ହୋଇଥିଲେ। ସ୍ତ୍ରୀ ଆରତୀ ତୁରନ୍ତ ଗ୍ରାମବାସୀଙ୍କ ସହ ସନ୍ତୋଷଙ୍କୁ ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ। ସେଠାରେ ଡାକ୍ତର ସନ୍ତୋଷଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସଦର ଥାନା ଆଇଆଇସି ପ୍ରଦୀପ କୁମାର ଧରୁଆ, କର୍ଲାପଡ଼ା ଫାଣ୍ଡି ଅଧିକାରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏନେଇ ଆରତୀ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ହତ୍ୟା ମାମଲା(ନଂ.୧୧୫/୨୦୧୯) ରୁଜୁ କରିଛି। ଅନ୍ୟପକ୍ଷେ ଟପିମଣି ଥାନାରେ ଆତ୍ମସମର୍ପଣ କରିଥିଲେ। ପରେ ପୋଲିସ ଟପିମଣିଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ସଦରଥାନା ଆଇଆଇସି ଧରୁଆ ପ୍ରକାଶ କରିଛନ୍ତି।




# ହାଇୱାରେ ଚିପ୍ସ ଲୋଡିଂ ବେଳେ ଦି ଖଣ୍ଡ ହୋଇଗଲେ ଶ୍ରମିକ

**ରେଙ୍ଗାଲି, ୧୬।୩ (ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ଥାନା ଅନ୍ତର୍ଗତ କିଶନନଗର ପାଖରେ ଥିବା ବାଲୁଙ୍କେଶ୍ୱର ଏଣ୍ଟରପ୍ରାଇଜ୍‌ର ଚିପ୍ସ ଲୋଡିଂ ସମୟରେ ଜଣେ ଶ୍ରମିକଙ୍କ ଜୀବନ ଯାଇଛି। ହାଇୱାରେ ଚିପ୍ସ ଭର୍ତ୍ତି କରିବା ବେଳେ ପୋକଲିନ ବାଜି ଶ୍ରମିକ ଜଣକ ଦିଖଣ୍ଡ ହୋଇ ଯାଇଛନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ ଏହି ଅଘଟଣ ଘଟିଛି। ମୃତ ଶ୍ରମକ ହେଲେ ଛତିଶଗଡ ରୋସନଲାଲ ଅଞ୍ଚଳର ଦିଲୀପ ପିସଦା (୨୬)। ପୋଲିସ ଏକ ମାମଲା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବୁର୍ଲା ଡାକ୍ତରଖାନା ପଠାଇଛି। ପୋକଲେନ୍ ଏବଂ ହାଇୱା ଜବତ ହୋଇଛି। ଉଭୟ ହାଇୱା ଓ ପୋକଲିନର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି।

ସୂଚନା ମୁତାବକ, ଚିପ୍ସ ଉପରେ ଶ୍ରମିକ ଜଣକ ଶୋଇଥିଲେ। ହାଇୱାରେ ଚିପ୍ସ ଲୋଡିଂ କରିବା ପାଇଁ ପୋକଲେନ ଅପରେଟର୍ ପୋକଲେନ ଚାଲୁ କରି ଲୋଡିଂ ଦେବା ସମୟରେ ଚିପ୍ସ ଗଦା ଉପରେ ଶୋଇଥିବା ଶ୍ରମିକଙ୍କୁ ଦେଖି ପାରି ନ ଥିଲେ। ଶ୍ରମିକଙ୍କ ଅଣ୍ଟାରୁ ଉପର ପାର୍ଶ୍ୱ ଚିପ୍ସ ସହ ହାଇୱାରେ ଲୋଡିଂ ହୋଇଯାଇଥିଲା। ଅଣ୍ଟାରୁ ତଳ ପାର୍ଶ୍ୱ ଅଂଶ ଚିପ୍ସ ଗଦା ଉପରେ ରହିଯାଇଥିଲା।




# ଚୋରି ଅଭିଯୋଗରେ ୨ ନାବାଳକ ଧରାପଡିଲେ

**ଚିପିଲିମା, ୧୬।୩(ଡି.ଏନ.ଏ.)**

ସମ୍ବଲପୁର ବୁର୍ଲା ଥାନା ଚିପିଲିମା ଫାଣ୍ଡି ଅନ୍ତର୍ଗତ କର୍ଡୋଲା ଗ୍ରାମରେ ଗତ ମାସରେ ଗୋଟିଏ ଦିନରେ କର୍ଡୋଲା ଅଙ୍ଗନୱାଡି କେନ୍ଦ୍ରରୁ ଚାଉଳ ଚୋରି ଓ ପଣ୍ଡିତ ସନ୍ତୋଷ କୁମାର ବିଶିଙ୍କ ଘରୁ ଦୁଇଟି ପର୍ଯ୍ୟାୟରେ ୧୩, ୫୦୦ ଟଙ୍କା ଚୋରି ହୋଇଥିଲା। ଏ ନେଇ ଦୁଇଟି ମାମଲା (ନଂ. ୫୬/୧୯ ଓ ୮୫/୧୯ରେ)ରୁଜୁ ହୋଇଥିଲା। ଚିପିଲିମା ଫାଣ୍ଡି ଅଧିକାରୀ ଗଞ୍ଜୁ ଓରାମ ତଦନ୍ତ ଜାରି ରଖିଥିଲେ। ଶେଷରେ ଏହି ଘଟଣାରେ ସଂପୃକ୍ତ କର୍ଡୋଲା ଗ୍ରାମର ୨ ଜଣ ନାବାଳକଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୧୦ ହଜାର ୧ଶହ ଟଙ୍କା ଜବତ କରିଛି।







## ଲାଞ୍ଚ ମାମଲା, ଡାକ୍ତର ନିର୍ଦ୍ଦୋଷରେ ଖଲାସ

**ଭବାନୀପାଟଣା, ୧୬।୩ (ଡି.ଏନ୍.ଏ.)**

ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ବିଜୟ କୁମାର ମିଶ୍ର ଶୁକ୍ରବାର ଆଶାକର୍ମୀ ନିଯୁକ୍ତି ମାମଲାରେ ଲାଞ୍ଚ ନେଇ ଗିରଫ ହୋଇଥିବା ଗୋଲାମୁଣ୍ଡା ସିଏଚ୍‌ସିର ପୂର୍ବତନ ଡାକ୍ତର ଜିତେନ୍ଦ୍ର କୁମାର ମହାନ୍ତିଙ୍କୁ ଶନିବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସୂଚନାଯୋଗ୍ୟ, ୨୦୧୫ ଅଗଷ୍ଟ ମାସରେ ଗୋଲାମୁଣ୍ଡା ବ୍ଲକ କେନ୍ଦୁପାଣି ଗ୍ରାମର ଚକ୍ରଧର ମାଝିଙ୍କ ସ୍ତ୍ରୀଙ୍କୁ ଆଶାକର୍ମୀରେ ନିଯୁକ୍ତି କରାଇଦେବାକୁ କହି ଡାକ୍ତର ମହାନ୍ତି ଲାଞ୍ଚ ନେଉଥିବା ବେଳେ କୋରାପୁଟ ଭିଜିଲାନ୍ସ ବିଭାଗ ହାତରେ ଗିରଫ ହୋଇଥିଲେ। ଏନେଇ ଭିଜିଲାନ୍ସ ପକ୍ଷରୁ ଏକ ମାମଲା ରୁଜୁ କରିଥିଲା। ପରବର୍ତ୍ତୀ ସମୟରେ ଭବାନୀପାଟଣା ଭିଜିଲାନ୍ସ କୋର୍ଟରେ ଏହାର ବିଚାର ଚାଲିଥିଲା। ଏହି ମାମଲାର ଶୁଣାଣି କରି ଭବାନୀପାଟଣା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରମାଣ ଅଭାବରୁ ଅଭିଯୁକ୍ତ ଡାକ୍ତର ମହାନ୍ତିଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଡାକ୍ତର ମହାନ୍ତିଙ୍କ ପକ୍ଷରୁ ଆଇନଜୀବୀ ଦିଲୀପ କୁମାର ସା ମାମଲାର ପରିଚାଳନା କରୁଥିଲେ।

## ଭଣଜା ମାଡରେ ମାମୁ ହାତ ଭାଙ୍ଗିଲା

**ଚିପିଲିମା, ୧୬।୩ (ଡି.ଏନ.ଏ.)**

ସମ୍ବଲପୁର ବୁର୍ଲା ଥାନା କର୍ଡୋଲା ଗ୍ରାମରେ ଶୁକ୍ରବାର ରାତିରେ ଫକିର ଗର୍ଡିଆ (୪୦) ତାଙ୍କ ସମ୍ପର୍କିୟ ମାମୁଁ ଗିରିଧାରୀ ଭରାସାଗର (୫୦)ଙ୍କୁ ଏକ ବାଡିରେ ଅତର୍କିତ ଆକ୍ରମଣ କରିଛନ୍ତି। ଗିରିଧାରୀଙ୍କ ବାମ ବାହୁ ଭାଙ୍ଗି ଯାଇଛି। ସେ ବୁର୍ଲା ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ ବୁର୍ଲା ଥାନାରେ କେସ ନଂ. ୮୯/୧୯ରେ ଅଭିଯୁକ୍ତ ଫକିରାଙ୍କ ନାମରେ ମାମଲା ହୋଇଛି। ଚିପିଲିମା ଫାଣ୍ଡି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଥିଲା।






Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ



ଦୁଃଖ ସମସ୍ତଙ୍କ ଜୀବନରେ ଆସିଥାଏ। କିନ୍ତୁ ଫରକ ଏତିକି ଯେ, କେହି ଦୁନିଆ ଆଗରେ ପ୍ରକାଶ କରିଥାଏ। କେହି ନିଜ ହୃଦୟ ଭିତରେ ଲୁଚେଇ ରଖିଥାଏ।
- ଚାଣକ୍ୟ



## ସଂକ୍ଷେପରେ

### ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲର ବାର୍ଷିକ ଉତ୍ସବ

**ସମ୍ବଲପୁର,୧୬।୩(ବ୍ୟୁରୋ)-** ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଫୁଲଝରନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲରେ ଶନିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା ସଭାପତି ଚତୁର ମାଝିଙ୍କ ଅଧ୍ୟକ୍ଷତାରେ ସଭାରେ ମୁଖ୍ୟ ଅତିଥି ଭାବେ ସୁରଜମଲ କଲେଜର ଅଧ୍ୟାପକ ଡ. ମନୋଜ ପଣ୍ଡା, ମୁଖ୍ୟବକ୍ତା ଭାବେ ବରଗଡ ମହିଳା କଲେଜର ଅଧ୍ୟାପକ ରାଧାକାନ୍ତ ମିଶ୍ର, ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ କବିଚନ୍ଦ୍ର ରାଉତ ଓ ସୋମନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଫୁଲଝରଣ ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଳମଣି ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଚିନ୍ତାମଣୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ଶେଷରେ ଛାତ୍ରୀଛାତ୍ର ମରୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲା।

### ୫ ମାସ ହେଲା ନଲ୍‌ଚୁଆଁ ଅଚଲ

# ପିଇଲା ପାଏନ୍ ଲାଗି ଉହକ୍‌ବିକଲ ଗାଁବାସୀ

**ମନମୁଣ୍ଡା, ୧୬।୩ (ଡି.ଏନ.ଏ)**

ଆଗ୍‌କେ ଖରାଦିନ ମାଡ଼ି ଆସୁଛେ। ଭିନେ ଭିନେ ଜାଗାରେ ଥାନୀୟ ପରଶାସନ ଖରାର ମୁକାବିଲା ଲାଗି ସଜାଗ ହେଉଛେ। ଗାଁମାନ୍‌କେ ଅଚଲ ନଲ୍‌ଚୁଆଁକେ ସଚଲ କରାଯାଉଛେ। ହେଲେ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଭିନେ ଭିନେ ଗାଁରେ ନଲ୍‌ଚୁଆଁମାନ ମାସ ମାସ ଅଚଲ ହେଇ ପଡ଼ିରହିଛେ। ଇ ଦିଗେ ଯେତେ ଅଭିଯୋଗ କଲେ ବି କେହି ନାଇଁ ଶୁନୁଥିବାର ଅଭିଯୋଗ ହେଉଛେ।

ଖବର ଅନ୍‌ସାରେ କଣ୍ଟାମାଳ ବ୍ଲକ ଯୋଗିନ୍ଦ୍ରପୁର ପଁଚେତ ଗୋହିପିଟା ଆର ଖଟଖଟିଆ ପଁଚେତ ଜାଲପାଲିରେ ନଲ୍‌ଚୁଆଁ ଅଚଲ ହେଇ ପଡ଼ିରହିଛେ। ଗୋହିପିଟା ଅଙ୍ଗନୱାଡି କେନ୍ଦ୍ର ସାମନାରେ ଥିବାର ଗୁଟେ ଆର ଗାଁ ଭିତରେ ଥିବାର ଦୁଇଟା



ଗୋହିପିଟା ଅଙ୍ଗନୱାଡି କେନ୍ଦ୍ର ସାମନାରେ ଥିବାର ଅଚଲ ନଲ୍‌ଚୁଆଁ।

ନଲ୍‌ଚୁଆଁ ଗଲା ୫ ମାସ ହେଲା ଅଚଲ ହେଇ ପଡ଼ିରହିଛେ। ଯେନ୍‌ଥିରଲାଗି ଅଙ୍ଗନୱାଡିର ଛୋଟ ଛୋଟ ଛୁଆମାନେ ଆର ଗାଁବାସୀ ପିଇଲା ପାଏନ୍ ଲାଗି ବଡ଼ଭାରି ସମସିଆର ସାମନା କରୁଛନ୍। ନଲ୍‌ଚୁଆଁ ମରାମତି ଦିଗେ ବାରବାର ଅଭିଯୋଗ କଲେ ବି କେହି ନାଇଁ ଶୁନୁଥିବାର ଗାଁବାସୀ ଅଭିଯୋଗ କରିଛନ୍। ଇଆଡ଼େ ଯୋଗିନ୍ଦ୍ରପୁର ପଁଚେତ ପିଠା କାୟ୍‌କରମ, ସ୍ୱଚ୍ଛଭାରତ ପାଇଖାନା ତିଆରି, ଜଲ ଯୋଗାଣ ଆଦିରେ ବ୍ଲକରେ ପୁରସ୍କୃତ ହେଇଥିଲା। ହେଲେ ଗାଁରେ ଥିବାର ନଲ୍‌ଚୁଆଁମାନକର ଅବସ୍‌ତାକେ ଦେଖ୍‌ଲେ ଯେ କେହି ଥାନୀୟ ପରଶାସନକେ ଟାହିଟାପରା କରବା। ସେନ୍‌ତା ଜାଲପାଲିରେ ଥିବାର ନଲ୍‌ଚୁଆଁରେ ଚଉତରା ନାଇଁଥିବାର ଲାଗି ଚାରହିକୁତି ପାଏନ୍ ଜମା ହେଇ ଠାନ୍‌ଟା ଗଁଧେ ଫାଟିପଡୁଛେ। ନଲ୍‌ଚୁଆଁର ପରିବେଶଟା ଦୂଷିତ ହେଇଥିଲେ ବି ସେଠାନର ପାଏନ୍‌ଟା ଖାଇପିଇ ହେଉଛେ। ସେଥିରଲାଗି ଲୋକ୍ ପାଏନ୍ ନେବାକେ ଇ ନଲ୍‌ଚୁଆଁରେ ଭିଡ଼ ଜମଉଛନ୍। ଥାନୀୟ ବ୍ଲକ୍ ପରଶାସନ ଇ ଦିଗେ ଦୁରୁଷ୍ଟି ଦେଇ ଅଚଲ ନଲ୍‌ଚୁଆଁକେ ସଚଲ କରବାର ସଂଗେ ଚଉତରା ତିଆର କରବାକେ ଗାଁବାସୀ ଦାବି କରିଛନ୍।

# ଚାରିଛକରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ

**ପୁରୁଣାକଟକ,୧୬।୩ (ଡି.ଏନ.ଏ)**

ବୌଦ୍ଧ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଶନିବାର ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ପଞ୍ଚାୟତ ଚାରିଛକରେ ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ବିଜୟ ବେହେରା, ଛାତ୍ର ବିଜେଡିର ସାଧାରଣ ସମ୍ପାଦକ ଷ୍ଟାଲିନ ପରିଜା ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇଥିଲେ । ହରଭଙ୍ଗା ବ୍ଲକ ଚେୟାରମ୍ୟାନ ବିଶ୍ୱଜିତ ମିଶ୍ର, ଜିଲା ଯୁବ ବିଜେଡି ସଭାପତି ମୃତ୍ୟୁଞ୍ଜୟ ମିଶ୍ର, ଛାତ୍ର ସଭାପତି ସଂଗ୍ରାମ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ । ଛାତ୍ର ଉପସଭାପତି ରାକେଶ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ ।




ଚାରିଛକରେ ବିଜେଡିର ହକ୍ ମାଗୁଛି ଓଡିଶା କାର୍ଯ୍ୟକ୍ରମ ଚାଲିଛି ।

# ପ୍ଲାଷ୍ଟିକ୍ ବର୍ଜନ ସଚେତନତା ଶୋଭାଯାତ୍ରା

**ସିଂଘିଯୁବା, ୧୬।୩ (ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ପ୍ଲାଷ୍ଟିକ ବର୍ଜନ ଏବଂ ଇକୋ କ୍ଲବ ଶିକ୍ଷକମାନଙ୍କର ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ଲାଷ୍ଟିକର ଅପକାରିତାକୁ ନେଇ ଏକ ସଭା ସ୍କୁଲ ସମ୍ମୁଖରେ ଆୟୋଜନ ହୋଇଥିଲା । ପ୍ରଧାନଶିକ୍ଷକ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିନିକା ରେଞ୍ଜର ପ୍ରେମରାଜ ଧରୁଆ ଓ ବ୍ଲକ ସହଶିକ୍ଷା ଅଧିକାରୀ ସନ୍ତୋଷ ସାହୁ ଅତିଥିଭାବେ ଯୋଗଦେଇ ପ୍ଲାଷ୍ଟିକ ବ୍ୟବହାର ଜନିତ ସମସ୍ୟା ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ । ପରେ ଛାତ୍ରୀଛାତ୍ରମାନେ ପ୍ଲାଷ୍ଟିକ୍ ବର୍ଜନ ସମ୍ପର୍କିତ ସ୍ଲୋଗାନ୍‌ମାନ ଦେଇ ସିଂଘିଯୁବା ଗ୍ରାମ ପରିକ୍ରମା କରିଥିଲେ ।

ଏହି କାର୍ଯ୍ୟକ୍ରମ ପରେ ସିଂଘିଯୁବା ହାଇସ୍କୁଲ ପରିସରରେ ପ୍ରଧାନଶିକ୍ଷକ ତଥା ଜିଲା ଇକୋକ୍ଲବ ମାଷ୍ଟରଟ୍ରେନର ପ୍ରମୋଦ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଇକୋ କ୍ଲବଶିକ୍ଷକମାନଙ୍କୁ ଏହାର ସୁପରିଚାଳନା ଉପରେ ତାଲିମ୍




ପ୍ଲାଷ୍ଟିକ ବର୍ଜନ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରୁଛି।

ପ୍ରଦାନ କରିଥିଲେ । ଏଥିରେ ବିନିକା ରେଞ୍ଜର ପ୍ରେମରାଜ ଧରୁଆ, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ସନ୍ତୋଷ ସାହୁ ଅତିଥିଭାବେ ଯୋଗଦେଇ ଇକୋ କ୍ଲବର ପରିଚାଳନା ଏବଂ ବିଭିନ୍ନ କାର୍ଯ୍ୟ ବିଷୟରେ ଶିକ୍ଷକମାନଙ୍କୁ ଦିଗଦର୍ଶନ ଦେଇଥିଲେ। ଏହି ଶିବିରରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ରାମପୁର ଜଙ୍ଗଲ ଅଧିକାରୀ ପଦ୍ମଲୋଚନ ଭୋଇ, ନିରଞ୍ଜନ ପଧାନ, ପଦ୍ମନାଭ ଥନାପତି, ଅରୁଣୀ ପଟ୍ଟନାୟକ ଉପସ୍ଥିତ ଥିଲେ ।

# ଭିସୁଟ୍‌ରେ ଜଳ ସୁରକ୍ଷା, ସଂରକ୍ଷଣ ଉପରେ କର୍ମଶାଳା

**ଚିପିଲିମା,୧୬।୩ (ଡି.ଏନ.ଏ.)**

ବୁର୍ଲାସ୍ଥିତ ଭିସୁଟ ପରିସରରେ ଜଳ ସୁରକ୍ଷା ଓ ସଂରକ୍ଷଣ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ରାଜ୍ୟର ବିଭିନ୍ନ ଇଞ୍ଜିନିୟରିଂ ମହାବିଦ୍ୟାଳୟରୁ ଏବଂ ଭିସୁଟରୁ ଶିକ୍ଷାର୍ଥୀମାନେ ଅଂଶଗ୍ରହଣ କରିଥିଲେ । ରାଜ୍ୟ ଏବଂ ରାଜ୍ୟ ବାହାରର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବହୁ ଶିକ୍ଷକ ଓ ଗବେଷକମାନେ ଯୋଗଦେଇ ଶିକ୍ଷାର୍ଥୀମାନଙ୍କୁ ଜଳ ସହରୀକରଣର ବିଶେଷତ୍ୱ ଏବଂ ବର୍ତ୍ତମାନ ପରିପେକ୍ଷୀରେ ଏହାର ପ୍ରୟୋଗାତ୍ମକ ଦିଗଗୁଡିକ ଉପରେ ଆଲୋଚନା କରିଥିଲେ। ଜଳ ଓ ପରିବେଶବିତ ରଞ୍ଜନ କିଶୋର ପଣ୍ଡା ଜଳ ସମ୍ବନ୍ଧୀୟ ଅନେକ ବ୍ୟବହାରିକ ଦିଗ ଗୁଡିକର ଆଲୋଚନା କରିଥିଲେ । କୁଳପତି ପ୍ରଫେସର ଅଟଳ ଚୌଧୁରୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏଥିରେ ଡିନ୍ ପ୍ରଫେସର ପିୟୂଷରଞ୍ଜନ ଦାଶ, ପ୍ରଫେସର ସଞ୍ଜୟ କୁମାର ପାତ୍ର, ପ୍ରଫେସର ସିଦ୍ଧାର୍ଥ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଡ. ଅନୀଲ କର ଏବଂ ଡ. ଭାରତୀ ମହାପାତ୍ର ଦାୟିତ୍ୱ ନିର୍ବାହ କରିଥିଲେ।

### ହନୁମାନ ପୀଠ ପ୍ରତିଷ୍ଠା ଉତ୍ସବ

**ପଡିଆବାହାଲ,୧୬।୩ (ଡି.ଏନ.ଏ.)**

ଜମନକିରା ବ୍ଲକ୍ ଖରସନମାଲ ପଞ୍ଚାୟତ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ହନୁମାନ ପୀଠ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି । ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବ ପାଇଁ ଶନିବାର କଳସ ଶୋଭାଯାତ୍ରା, କୁମ୍ଭପୂରଣ, ଅଙ୍କୁରରୋପଣ ଆଦି କାର୍ଯ୍ୟକ୍ରମ ହୋଇଛି। ରବିବାର ବିଗ୍ରହ ପ୍ରତିଷ୍ଠା ସହ ପୀଠ ସଂସ୍କାର କାର୍ଯ୍ୟ ଆଦି ଅନୁଷ୍ଠିତ ହେବ । ପ୍ରଶାନ୍ତ ନାୟକ, ମୋହନ ତ୍ରିପାଠୀ, ଗୋବିନ୍ଦ କର, ଅର୍ଜୁନ ମହାକୁର, ଟଙ୍କଧର କୁଅଁର, ହରିବନ୍ଧୁ ବରର୍ଡ ଓ ଉପେନ୍ଦ୍ର କୁଅଁର ପ୍ରମୁଖ ସହଯୋଗ କରିଛନ୍ତି।

### ପାବଡେରାରେ ପାୱାର ଚ୍ୟାନେଲ ଜଳ ନିଷ୍କାସନ ଗେଟ୍ ପରିଚାଳନାରେ ଅବ୍ୟବସ୍ଥା

# ମାଛ ଧରିବାକୁ ଗେଟ୍ ଖୋଲିଦେଲେ ଦୁର୍ବୃତ୍ତ

**ଚିପିଲିମା, ୧୬।୩ (ଡି.ଏନ.ଏ.)**

- ତାଲପଦରବାସୀଙ୍କ ଚାଷ ଜମି ଜଳାର୍ଣ୍ଣବ
- ସିଏଚଇପି କର୍ତ୍ତୃପକ୍ଷଙ୍କୁ ଗ୍ରାମବାସୀଙ୍କ ଅଭିଯୋଗ
- ଗ୍ରାମବାସୀଙ୍କ ସହଯୋଗରେ ଗେଟ୍ ବନ୍ଦ ହେଲା

ଓଡିଶା ଜଳବିଦ୍ୟୁତ ନିଗମ (ଓଏଚପିସି) ଅଧୀନ ବୁର୍ଲା-ଚିପିଲିମା ପାୱାର ଚ୍ୟାନେଲ ମଝିରେ ରହିଛି ପାବଡେରା ଆପାତକାଳୀନ ଗେଟ୍ । କୌଣସି ଜରୁରି ସ୍ଥିତିରେ ଏହି ଗେଟ୍ ଖୋଲା ଯାଇଥାଏ। ଏଥିପାଇଁ ପୂର୍ବରୁ ଗେଟ ପରିଚାଳନା ପାଇଁ କର୍ମଚାରୀ ନିୟୋଜିତ ରହୁଥିଲେ। ହେଲେ ବର୍ତ୍ତମାନ ସେ ଜାଗାରେ କୌଣସି କର୍ମଚାରୀ ନିୟୋଜିତ ନାହାନ୍ତି। ମୁକୁଳା ହୋଇ ପଡି ରହିଛି । ଗେଟରେ ତାଲା ପକାଇବାର ବ୍ୟବସ୍ଥା ମଧ୍ୟ ନାହିଁ । ଏଥିପାଇଁ ସିଏଚଇପି ପକ୍ଷରୁ ଲକ୍ଷାଧିକ ଦରମା ପଇଠ କରି ୟୁଟିଲିଟି ମ୍ୟାନେଜର ମଧ୍ୟ ନିଯୁକ୍ତ କରାଯାଇଛି । ହେଲେ ଅଧିକାରୀଙ୍କ ଅବହେଳା ପାଇଁ ଦୁର୍ବୃତ୍ତ ମାଛ ଧରିବା ଉଦ୍ଦେଶ୍ୟରେ ଗେଟ୍ ଖୋଲି ଦେଇ ଚାଲି ଯାଉଛନ୍ତି। ଫଳରେ ଅତ୍ୟଧିକ ଜଳ ନିଷ୍କାସନ ହୋଇ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେଉଛି। ତଳମୁଣ୍ଡରେ ଥିବା ଚାଷ ଜମି ଜଳାର୍ଣ୍ଣବ ହେଉଛି। ଶନିବାର ତଳମୁଣ୍ଡରେ ଥିବା ବସନ୍ତପୁର ପଞ୍ଚାୟତର ତାଳପଦର ଗ୍ରାମବାସୀ ଚିପିଲିମା ପୋଲିସ ଓ ସିଏଚଇପି କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିଛନ୍ତି। ଏହାପରେ ଗ୍ରାମବାସୀଙ୍କୁ ନେଇ ଗେଟ୍ ବନ୍ଦ କରାଯାଇଛି । ଅପରପକ୍ଷରେ ଏପରି ସ୍ଥିତିରେ ସିଏଚଇପି କର୍ତ୍ତୃପକ୍ଷଙ୍କ ଅବହେଳା ପଦାରେ ପଡିଛି । ଏପରି ଏକ ଘଟଣା ବାବଦରେ ଚିପିଲିମା ଜଳବିଦ୍ୟୁତ ପ୍ରକଳ୍ପ (ସିଏଚଇପି) ମୁଖ୍ୟ ଇଂ. ଦେବାଶିଷ ମିଶ୍ରଙ୍କୁ ପଚରାଯିବା ପାଇଁ ଅନେକ ଚେଷ୍ଟା କରାଯାଇଥିଲେ ହେଁ ସମ୍ଭବପର ହୋଇ ନ ଥିଲା ।

# ନାତୁଣୀଙ୍କୁ କମେଣ୍ଟ, ଅଜାଙ୍କୁ ମାଡ଼

**ବଲାଙ୍ଗୀର ଅଫିସ, ୧୬।୩**

- ପୋଲିସ ଶିଥିଳତାକୁ ନେଇ ଅସନ୍ତୋଷ
- ଜିଲା ସାମ୍ବାଦିକ ସଂଘର ଜରୁରୀ ବୈଠକ

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଅଙ୍କରିଆପଦର ଗ୍ରାମର ଜଣେ ନାବାଳିକାଙ୍କୁ ଜଣେ ଯୁବକ କମେଣ୍ଟ ମାରିଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ସମ୍ପୃକ୍ତ ନାବାଳିକାଙ୍କ ଅଜାଙ୍କୁ ଯୁବକ ଜଣକ ନିସ୍ଥୁକ ମାଡ ମାରଛନ୍ତି। ଏଥିରେ ଆହତ ଅଜାଙ୍କ ପଞ୍ଜରା ହାଡ ଭାଙ୍ଗିଯାଇଛି। ତାଙ୍କୁ ସନ୍ଥ ଭୀମଭୋଇ ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଏକ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ଅଙ୍କରିଆପଦର ଗ୍ରାମର ଉକ୍ତ ନାବାଳିକା ଜଣକ ପଢ଼ିବାକୁ ଗଲାବେଳେ ବୁଲୁ କୁଅଁର ନାମକ ଜଣେ ଯୁବକ ତାଙ୍କୁ ନିୟମିତ ଅଶ୍ଳୀଳ କମେଣ୍ଟ କରିଆସୁଥିଲେ । ଏହାକୁ ନେଇ ନାବାଳିକା ଛାତ୍ରୀ ଘରେ ଅଭିଯୋଗ କରିଆସୁଥିଲେ। ଶୁକ୍ରବାର ଏହି କମେଣ୍ଟ ମରା ଘଟଣାକୁ ନେଇ ନାବାଳିକାଙ୍କ ଅଜା ବୁଲୁଙ୍କୁ ପଚାରି ଏଭଳି ହଇରାଣ ନ କରିବାକୁ କହିଥିଲେ । ଏହାପରେ ଅପରାହ୍ଣ ପ୍ରାୟ ୨ଟା ବେଳକୁ ବୁଲଙ୍କ ସମେତ ୯ ଜଣ ରାସ୍ତାରେ ଅଟକାଇ ନାବାଳିକାଙ୍କ ଅଜାଙ୍କୁ ମାଡ ମାରିବାରେ ସେ ଗୁରୁତର ହୋଇଥିଲେ। ଆହତଙ୍କୁ ସନ୍ଥ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ନିଆଯାଇଥିଲା। ଘଟଣା ସମ୍ପର୍କରେ ଆହତଙ୍କ ସ୍ତ୍ରୀ ପୁଇଁତଲା ଥାନାରେ ଅଭିଯୋଗ କରିଛନ୍ତି। ଭୟଭୀତ ନାତୁଣୀ ଏବେ ଆଉ ସ୍କୁଲକୁ ଯାଉନାହାନ୍ତି । ଏ ନେଇ ପୁଇଁତଲା ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି କେ .କେ. ହରିପ୍ରସାଦଙ୍କୁ ପଚାରିବାରୁ ଏହି ଘଟଣାର ଉଚିତ୍ ତଦନ୍ତ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

# ରେଲୱେ କର୍ମଚାରୀଙ୍କ ଘରୁ ଚୋରି

**ଟିଟିଲାଗଡ଼, ୧୬।୩ (ଡି.ଏନ.ଏ.)**

ଟିଟିଲାଗଡ ରେଳବାଇ ନିଉ କଲୋନୀସ୍ଥିତ ଜଣୈକା ମହିଳା କର୍ମଚାରୀ ଅର୍ଣ୍ଣା ବେହେରାଙ୍କ ବାସଭବନରୁ ଚୋରି ହୋଇଛି। ଚୋରମାନେ ତାଙ୍କ ଘରେ ପଶିବା ପରେ ଆଲମିରା ଭାଙ୍ଗି ନଗଦ ୩ ଲକ୍ଷ ୬୧ ହଜାର ଟଙ୍କା, ଅଢେଇ ତୋଳା ସୁନା ଏବଂ ରୂପା ଗହଣା ଚୋରି କରିନେଇଥିବା ଜିଆରପି ଥାନାରେ ଅଭିଯୋଗ ହୋଇଛି। ଅର୍ଣ୍ଣାଙ୍କ କହିବା ମୁତାବକ ଗତ ୧୩ ଏବଂ ୧୪ ତାରିଖ ଦୁଇଦିନ ତାଙ୍କ ପରିବାର ଘରେ ଅନୁପସ୍ଥିତ ଥିଲେ। ୧୫ ତାରିଖ ଦିନ ରାତ୍ରୀ ପ୍ରାୟ ୧୦ଟାରେ ସେ ଫେରି ଦେଖିବା ବେଳକୁ ଘର କବାଟରେ ଦିଆଯାଇଥିବା ତାଲା ଭଙ୍ଗାଯାଇଥିଲା। ଚୋରମାନେ ପଲଙ୍କ ବେଡ ତଳେ ଥିବା ଚାବି ବାହାର କରି ଆଲମିରା ଖୋଲିବା ପରେ ଟଙ୍କା ସୁନା ଲୁଟି ନେଇଥିଲେ। ଘର ଭିତରେ ତିନୋଟି ଲୁହା ଛଡ ପଡି ରହିଥିବାରୁ ସମ୍ଭବତଃ ଚୋରମାନେ ଏହାକୁ ଧରି ଆସିଥିବା ଅନୁମାନ କରାଯାଉଛି।

### ଦେଶୀ ମଦ ଜବତ, ଜଣେ ଗିରଫ

**ଲୋଇସିଂହା, ୧୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଡୁଡକା ଗ୍ରାମରେ ଲୋଇସିଂହା ପୋଲିସ ଚଢାଉ କରି ଜଣଙ୍କଠାରୁ ୬ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଶୁକ୍ରବାର ଗିରଫ କରିଥିଲା। ଗିରଫ ବଳରାମ ପଟେଲଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନାମତେ, ଆଗଲପୁର ବ୍ଲକ ଡୁଡକା ଗ୍ରାମରେ ବ୍ୟାପକ ଦେଶୀବିଦେଶୀ ମଦ କାରବାର ଚାଲିଛି।

- ସମସ୍ୟାରେ ବୁଡିରହିଛି ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ

# ସମାଧାନ ଦାବିରେ ରାଜପଥ ଅବରୋଧ

**ବୌଦ୍ଧ,୧୬।୩ (ସ୍ୱ.ପ୍ର)**

ବୌଦ୍ଧ ଜିଲାର ଏକମାତ୍ର ସରକାରୀ କଲେଜ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ ବିଭିନ୍ନ ସମସ୍ୟାରେ ବୁଡି ରହିଛି । ଏହାର ସମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେଉ ନ ଥିବାରୁ ଛାତ୍ରୀଛାତ୍ରମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଶନିବାର ଛାତ୍ରୀଛାତ୍ରମାନେ କଲେଜ ସମସ୍ୟା ସମ୍ପର୍କିତ ୧୦ ଦଫା ଦାବି ପୂରଣ ପାଇଁ କଲେଜରେ ତାଲା ପକାଇବା ସହ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଅବରୋଧ କରିଥିଲେ । ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା ।

ବୌଦ୍ଧ ସହର ନିକଟସ୍ଥ ବାମଣ୍ଡାଠାରେ ନୂତନ ଭାବେ ଆଦର୍ଶ ଡିଗ୍ରୀ ମହାବିଦ୍ୟାଳୟ ଖୋଲାଯାଇଛି

**କଲେଜରେ ତାଲା ପକାଇଲେ ଛାତ୍ରୀଛାତ୍ର**



ଛାତ୍ରୀଛାତ୍ରମାନେ ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥକୁ ଅବରୋଧ କରିଛନ୍ତି ।

। କିନ୍ତୁ ଉକ୍ତ ମହାବିଦ୍ୟାଳୟରେ ଆନୁଷଙ୍ଗିକ ବ୍ୟବସ୍ଥା ନାହିଁ । ମହାବିଦ୍ୟାଳୟରେ ଅଧ୍ୟାପକ ପଦବୀ ଖାଲି ପଡିଛି। ବହୁ ଅଧ୍ୟାପିକା ଅଧ୍ୟାପକ ଅଧିକାଂଶ ସମୟରେ ମହାବିଦ୍ୟାଳୟକୁ ଆସୁ ନ ଥିବା ବେଳେ ଖୋଦ ମହାବିଦ୍ୟାଳୟର ଅଧ୍ୟକ୍ଷ ମନଇଚ୍ଛା ଆସୁଛନ୍ତି ବୋଲି ଛାତ୍ରୀଛାତ୍ର ଅଭିଯୋଗ କରିଥିଲେ । ପ୍ରଥମେ ବୌଦ୍ଧ ସେଠାକୁ ପୋଲିସ ପହଞ୍ଚି ଛାତ୍ରୀଛାତ୍ରମାନଙ୍କୁ ବୁଝାଶୁଝା କରିବା ପରେ ମଧ୍ୟ ଉତ୍ତେଜନା ଥମି ନ ଥିଲା। କିଛି ସମୟରେ ବୌଦ୍ଧ ତହସିଲଦାର ଲଲାଟେନ୍ଦୁ ସିଂ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା । ତୁରନ୍ତ ସମସ୍ୟାର ସମାଧାନ କରା ନ ଗଲେ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ଆଗରେ ଆନ୍ଦୋଳନ କରାଯିବ ବୋଲି ଛାତ୍ରୀଛାତ୍ରମାନେ ଚେତାବନୀ ଦେଇଛନ୍ତି। ଏ ନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ସାମଲଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ମୁଁ ଛୁଟିରେ ବାହାରେ ଅଛି ବୋଲି କହି ଏଡାଇ ଯାଇଥିଲେ ।

# ଫୁଲଚାଙ୍ଗୁଡ଼ି ଗ୍ରାମବାସୀ ବନ୍ଦ କଲେ ପାଉଁଶ ପରିବହନ

**ରେଙ୍ଗାଲି, ୧୬।୩ (ଡି.ଏନ.ଏ)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ କାରଖାନାର ପାଉଁଶ ଯୋଗୁ କାରଖାନା ପାଖରେ ଥିବା ଗ୍ରାମବାସୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ରେଙ୍ଗାଲି ଅଞ୍ଚଳରେ ପବନ ବୋହିବାରୁ ଆଦିତ୍ୟ ଆଲୁମିନିୟମ କାରଖାନାର ପାଉଁଶ ପୋଖରୀରୁ ପାଉଁଶ ଉଡି ପାଖରେ ଥିବା ଫୁଲଚାଙ୍ଗୁଡି ଗ୍ରାମର ଗ୍ରାମବାସୀଙ୍କ ଘରେ ପଶି ଯାଇଥିଲା । ଏଣୁ ଫୁଲଚାଙ୍ଗୁଡି ଗ୍ରାମ ପାଉଁଶରେ ଭରି ଯାଇଥିଲା । ଘରେ ଥିବା ପିଇବା ପାଣି, ସାମଗ୍ରୀରେ ପାଉଁଶର ଅବରଣ ପଡି ଯାଇଥିଲା । ଲୋକମାନଙ୍କର ଆଖି, କାନ, ନାକରେ ପାଉଁଶ ଗୁଣ୍ଡ ପଶି ଯାଇଥିଲା। ଶନିବାର ଫୁଲଚାଙ୍ଗୁଡି ଗ୍ରାମବାସୀ ଆଦିତ୍ୟ ଆଲୁମିନିୟମ କାରଖାନାରେ ପହଞ୍ଚି ପାଉଁଶ ପରିବହନକୁ ବନ୍ଦ କରି ଦେଇଥିଲେ। ଗ୍ରାମବାସୀଙ୍କ ଦାବି ହେଲା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ପ୍ରଶାସନ ଓ କାରଖାନାର ବରିଷ୍ଠ କର୍ମଚାରୀମାନେ ଗ୍ରାମକୁ ଆସି ଗ୍ରାମବାସୀଙ୍କ ସହିତ ଆଲୋଚନା କରି ସମାଧାନ କଲା ପରେ ପାଉଁଶ ପରିବହନ ହେବ। ବିନା ସମାଧାନରେ କମ୍ପାନୀ ପାଉଁଶ ପରିବହନ କଲେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ। ଏଥିପାଇଁ କମ୍ପାନୀ ଦାୟୀ ରହିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଥିଲେ । ଫୁଲଚାଙ୍ଗୁଡି ଗ୍ରାମର ସୁରେଶ କିଷାନ, ପ୍ରଦୀପ ଭୁଏ, ଦୁର୍ଗା ମିର୍ଦ୍ଧା, କୁଞ୍ଜବିହାରୀ ମାଝୀ, ହୃଷୀକେଶ ଭୁଏ, ସୁଶୀଲ କିଷାନ, ସୁକାନ୍ତି ପଧାନ, ବବିତା ଭୁଏ, ସ୍ୱରୂପା ଝାଙ୍କର, ମୀନା କୁମାରୀ ମାଝି ଏବଂ ଗ୍ରାମବାସୀ କମ୍ପାନୀର ପାଉଁଶ ପରିବହନ ବନ୍ଦ କରିଥିଲେ ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୭ ମାର୍ଚ୍ଚ, ୨୦୧୯



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ



### ପାଇକମାଲରେ ଶ୍ୟାମ ପଦଯାତ୍ରା

ପାଇକମାଲ,୧୬।୩ (ଡି.ଏନ.ଏ)- ବରଗଡ଼ ଜିଲା ପାଇକମାଲ ଶ୍ୟାମ ପରିବାର ଓ ମାରୱାଡି ଯୁବା ମଞ୍ଚ ତରଫରୁ ଶ୍ୟାମ ପଦଯାତ୍ରା ଶିବ ମନ୍ଦିରଠାରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ଝଣ୍ଡା ଧରି ପଦଯାତ୍ରା କରିଥିଲେ । ପଦଯାତ୍ରା ଶେଷ ହେବା ପରେ ୧୦୦ଟି ଝଣ୍ଡାକୁ ବରଗଡ ପଠାଯାଇଥିଲା । ରବିବାର ବରଗଡରୁ ଭଟଲି ଶ୍ୟାମ ମନ୍ଦିରକୁ ଏହି ଝଣ୍ଡା ଧରି ପୁଣି ପଦଯାତ୍ରା କରାଯିବ ବୋଲି ସନ୍ତୋଷ ଅଗ୍ରୱାଲ କହିଛନ୍ତି । ପଦଯାତ୍ରାରେ ନରେଶ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ନୀଲେଶ ଅଗ୍ରୱାଲ, ସବିତା ଜିନ୍ଦଲ, ପ୍ରିୟଙ୍କା ଅଗ୍ରୱାଲ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଅବାଧ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୬।୩

ସାଧାରଣ ନିର୍ବାଚନକୁ ଆଉ ମାତ୍ର ମାସେ ବାକି ଅଛି । ଏଥିପାଇଁ ଉଭୟ ରାଜନୈତିକ ଓ ପ୍ରଶାସନିକ ତତ୍ପରତା ଦେଖାଯାଇଛି । ରାଜନେତାମାନେ ଯେଭଳି ନିଜ ସପକ୍ଷରେ ଭୋଟ୍ ହାତେଇବା ପାଇଁ ସହରରୁ ଗାଁ ମୁହାଁ ହୋଇଛନ୍ତି, ଅନୁରୂପ ଭାବେ ଅବାଧ ଓ ନିରପେକ୍ଷ ଭାବେ ନିର୍ବାଚନ ସାରିବା ପାଇଁ ତୁହାକୁ ତୁହା ପ୍ରଶାସନିକ ବୈଠକ ମଧ୍ୟ ବସୁଛି । ଶନିବାର ବରଗଡ଼ ଜିଲାପାଳ ଅଫିସ ପରିସର ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏକ ବୈଠକ ହୋଇଥିଲା ।



ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ।

ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରି ନିରପେକ୍ଷ, ନିରାପଦ ତଥା ଶୃଙ୍ଖଳିତ ଭାବେ ନିର୍ବାଚନ ସମାପନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ନିର୍ବାଚନ ପାଇଁ ରହିଥିବା ଆଚରଣ ସଂହିତା ଉପରେ ଜିଲାପାଳ ତ୍ରିପାଠୀ ବିସ୍ତୃତ ଭାବେ ସୂଚନା ଦେଇଥିଲେ । ନିର୍ବାଚନକୁ ନେଇ ବ୍ୟକ୍ତିଗତ କୁତ୍ସାରଟନା, ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ମଦ, ଟଙ୍କା ବାଣ୍ଟିବା ଆଦିରୁ କ୍ଷାନ୍ତ ରହିବା ସହିତ ସଭା, ସମିତି, ହେଲିପ୍ୟାଡ୍ ପାଇଁ ପ୍ରଶାସନଠାରୁ ପୂର୍ବରୁ ଅନୁମତି ନେବାକୁ ପରାମର୍ଶ ଦେଇଥିଲେ ।

ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି, ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି ବୋଲି ସେ ସୂଚନା ଦେଇଥିଲେ । ଏହି ଲୋକସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୫ଲକ୍ଷ ୫୦ହଜାର ୨୦୦ ଭୋଟର ରହିଥିବା ଜିଲାପାଳ କହିଥିଲେ । ସେଥିମଧ୍ୟରୁ ପଦ୍ମପୁରରେ ୩୧୯ବୁଥ୍ ପାଇଁ ୨ଲକ୍ଷ ୪୮ହଜାର ୭୯୫, ବିଜେପୁରରେ ୨୮୫ ବୁଥ୍ ପାଇଁ ୨ଲକ୍ଷ ୨୫ହଜାର ୫୬୭, ବରଗଡ଼ରେ ୨୩୧ବୁଥ୍ ପାଇଁ ୨ଲକ୍ଷ ୧୬ହଜାର ୩୫୮, ଅତାବିରାରେ ୨୫୨ବୁଥ୍ ପାଇଁ ୨ଲକ୍ଷ ୧୫ହଜାର ୪୮୦, ଭଟଲିରେ ୨୯୧ ବୁଥ୍ ପାଇଁ ୨ଲକ୍ଷ ୨୩ହଜାର ୧୨୬, ବ୍ରଜରାଜନଗରରେ ୨୫୭ ବୁଥ୍ ପାଇଁ ୨ଲକ୍ଷ ୪ହଜାର ୨୧୯ ଏବଂ ଝାରସୁଗୁଡ଼ାରେ ୨୫୩ବୁଥ୍ ପାଇଁ ୨ଲକ୍ଷ ୧୬ହଜାର ୬୫୫ ଭୋଟର ରହିଥିବା ସେ ସୂଚନା ଦେଇଥିଲେ। ସମୁଦାୟ ଭୋଟରଙ୍କ ମଧ୍ୟରୁ ୯୮.୪୮ ପ୍ରତିଶତ ଭୋଟରଙ୍କ ପାଖରେ ଭୋଟର ପରିଚୟ ପତ୍ର ରହିଛି । ଯେଉଁମାନଙ୍କ ପାଖରେ ଭୋଟର ପରିଚୟପତ୍ର ନାହିଁ ଏବଂ ସେମାନଙ୍କ ନାମ ଭୋଟର ତାଲିକାରେ ଉଲ୍ଲେଖ ଥିବ, ସେମାନେ ଅନ୍ୟ ନିର୍ଦ୍ଧାରିତ ପରିଚୟ ପ୍ରମାଣପତ୍ର ଦେଖାଇ ମତଦାନ କରି ପାରିବେ ବୋଲି ଜିଲାପାଳ କହିଥିଲେ। ମତଦାନ ପାଇଁ ଭିଭିପାଟ୍, ଇଭିଏମ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବା ସେ ସୂଚନା ଦେଇଥିଲେ ।

ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ ନିର୍ବାଚନକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ । ସାଧାରଣ ଘଟଣାକୁ ବଡ଼ ପ୍ରସଙ୍ଗ ନ କରି ନିଜ ମଧ୍ୟରେ ଆପୋଷ ସମାଧାନ କରିବାକୁ ସେ ପରାମର୍ଶ ଦେବା ସହିତ ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ନିର୍ବାଚନ ଆଚରଣ ସଂହିତାକୁ ଠିକ୍ ଭାବେ ମାନିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। କୌଣସି ଅପରାଧ ସମ୍ପର୍କରେ ସୂଚନା ପାଇଲେ ସ୍ଥାନୀୟ ପୋଲିସକୁ ସଠିକ୍ ସୂଚନା ଦେବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଉପସ୍ଥିତ ଥିଲେ । ସେହିପରି ରାଜନୈତିକ ଦଳ ଗୁଡ଼ିକ ମଧ୍ୟରୁ ଆପ୍‌ରୁ ଅମିତାଭ ପାତ୍ର, ଭବାନୀ ପ୍ରସାଦ ସାହୁ, ଭାଜପାରୁ ଡା. ଅରୂପାନନ୍ଦ ସାହୁ, କଂଗ୍ରେସରୁ ଯୁଗଳ ପ୍ରସାଦ ସିଂ, ବିଜେଡ଼ିରୁ ପଦ୍ମଲୋଚନ ମଲ୍ଲିକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ହରଭଙ୍ଗାରେ ଭାଜପାର ବିଜୟ ସଂକଳ୍ପ ଅଭିଯାନ

ପୁରୁଣାକଟକ,୧୬।୩ (ଡି.ଏନ.ଏ)

ବୌଦ୍ଧ ନିର୍ବାଚନ ମଣ୍ଡଳୀର ହରଭଙ୍ଗା ବ୍ଲକରେ ଶନିବାର ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଛି । ବୌଦ୍ଧ ବିଜୟ ସଂକଳ୍ପ ଅଭିଯାନ ସଂଯୋଜକ ତଥା ଅନୁସୂଚିତ ଜାତି ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧାଂଶୁ ଡାଙ୍ଗଙ୍କ ନେତୃତ୍ୱରେ ଶନିବାର ବ୍ଲକର ଛତ୍ରଙ୍ଗ, ଭାଲିଆଗୋରା, ବୁକେଶିଙ୍ଗା, ଭେଜିଗୁରା, ସୁରୁଣ୍ଡି, ସଂକଡା, ସଂକୁଲେଇ, ନୂଆପଡା, ହରିହରପୁର, ଖରଭୁଇଁ, ବାଇଶପଡା, ଲକ୍ଷ୍ମଣପୁର, ଟୁକୁଲୁଣ୍ଡା, ଉପରକଟା, କରଞ୍ଜକଟା, ଲୋକାପଡା, ଚାରିଛକ, ଲନ୍ତ୍ରେଳୁର ଆଦି ୨୫ରୁ ଊର୍ଦ୍ଧ୍ୱ ଗାଁ ବୁଲି ବିଜୟ ସଂକଳ୍ପ ଅଭିଯାନ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷକ ମୋର୍ଚ୍ଚା ଜିଲା ସଭାପତି କାଳିନ୍ଦୀ ଚରଣ କ୍ଷେତୀ, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସଭାପତି ନଟବର ପ୍ରଧାନ, ଉପସଭାପତି ରବିନ୍ଦ୍ର ବେହେରା, ହରଭଙ୍ଗା ମଣ୍ଡଳ ସଭାପତି ଅରୁଣା ଦୀପ, ଉପସଭାପତି ସୂର୍ଯ୍ୟ ପ୍ରତାପ ବେହେରା, ସାଧାରଣ ସମ୍ପାଦକ ବିଜୟ ପଣ୍ଡା, ବୀରେନ୍ଦ୍ର ପ୍ରଧାନ, ରବୀନ୍ଦ୍ର ବେହେରା, ବିଭୂତି ନାୟକ, ପ୍ରଦୀପ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ସମ୍ବର୍ଦ୍ଧନା ସମାରୋହରେ ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ଛାତ୍ରୀଛାତ୍ର।

# ଛାତ୍ର ସମାଜ କଲେଜର ଦୃଢ଼ ଭିତ୍ତିଭୂମି

## ବିକାଶରେ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସମାରୋହ

ବରଗଡ଼ ଅଫିସ୍,୧୬।୩

ବରଗଡ଼ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ ବିକାଶ ପଲିଟେକ୍ନିକ୍‌ରେ ଅନ୍ତିମବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ପଲିଟେକ୍ନିକ୍‌ର ଛାତ୍ରୀ ଡି. ସିରିଷା ଓ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରୀ ଅଙ୍କିତା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆସନ୍ତା ପରୀକ୍ଷା ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଜୁନିୟର ଛାତ୍ରୀଛାତ୍ରମାନେ ସିନିୟର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କରିଥିବା ସୁବ୍ୟବସ୍ଥାକୁ ଦେଖି ପରସ୍ପର ମଧ୍ୟରେ ରହିଥିବା ଉତ୍ତମ ସମ୍ପର୍କକୁ ପ୍ରଶଂସା କରିଥିଲେ। ଉଭୟ ପଲିଟେକ୍ନିକ୍ ଏବଂ ବି-ଟେକ୍ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ସେ ଅଭିନନ୍ଦନ ଜଣାଇଥିଲେ । ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ର ସମାଜ ହିଁ ବିକାଶ କଲେଜର ଦୃଢ଼ ଭିତ୍ତିଭୂମି ବୋଲି ମତପ୍ରକାଶ କରିବା ସହିତ ଏକ ସଫଳ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଥିଲେ । ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ ଛାତ୍ରୀଛାତ୍ରଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କ୍ୟାମ୍ପସରେ ଉତ୍ତମ ବ୍ୟବହାର ଯୋଗୁ ଛାତ୍ରୀଛାତ୍ରଙ୍କ ପ୍ରଶଂସା କରିଥିଲେ । ସେହିପରି ପାଠପଢ଼ା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପରେ ଜଡ଼ିତ ହେବା ଉଚିତ ବୋଲି ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଶ୍ରୁତିବଦ୍ଧ । ବିକାଶ ପରିସରରେ କଟାଇଥିବା ସମସ୍ତ ସ୍ମୃତିକୁ ସତେଜ ରଖିବା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟାରେ ଏକ ଫଟୋ ଗ୍ୟାଲେରୀ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜୁନିୟର ଛାତ୍ରୀଛାତ୍ରମାନେ ସିନିୟର ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ ସହିତ ଉପହାର ଦେଇଥିଲେ । ବିକାଶ ଗ୍ରୁପ୍ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଗ୍ରୁପ୍‌ର ମ୍ୟାନେଜର(ଏଚ୍‌ଆର୍) ଓ ଆଇନ ପରାମର୍ଶଦାତା ପି. କେ ଦାଶ, ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଆଡ଼ମିନିଷ୍ଟ୍ରେଟର ଆର.ଏସ.ଭି କ୍ରୀଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ଼ମିନିଷ୍ଟ୍ରେଟିଭ ଅଫିସର ଏସ. କାନ୍ତାରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ୟଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ଶ୍ରାବଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

## ହଡ଼ିଗୁଡ଼ି କପ୍ ଫୁଟବଲ ଟୁର୍ନାମେଣ୍ଟ

# ଫାଇନାଲରେ ସମ୍ବଲପୁରର ପ୍ରବେଶ

ପାଇକମାଲ,୧୬।୩ (ଡି.ଏନ.ଏ)



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

ପାଇକମାଲ ଏମ୍‌ଇ ସ୍କୁଲ ଖେଳ ପଡିଆଠାରେ ସର୍ବଭାରତୀୟ ୨୪ତମ ହଡିଗୁଡି କପ୍ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ଦିବସରେ କୁଚିଣ୍ଡାକୁ ହରାଇ ସମ୍ବଲପୁର ଦଳ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ସମ୍ବଲପୁର ଦଳ କୁଚିଣ୍ଡାକୁ ୨-୧ରେ ହରାଇଥିଲା । ସମ୍ବଲପୁର ଦଳର ପ୍ରଶାନ୍ତ ଓରାମ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ତୃତୀୟ କ୍ୱାର୍ଟର ଫାଇନାଲ ଦେବଗଡ ଓ ବେଲପାହାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦେବଗଡ ଟାଇବ୍ରେକର ଜରିଆରେ ୩-୦ ଗୋଲରେ ବିଜୟୀ ହୋଇଥିଲା । ଲଳିତ ପେଠାଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଚତୁର୍ଥ କ୍ୱାର୍ଟର ଫାଇନାଲ ବୌଦ୍ଧ ମହିନ୍ଦ୍ରା ମହିନ୍ଦ୍ରା ଓ ପାଇକମାଲ ନରସିଂହ ସ୍ପୋର୍ଟିଂ ମଧରେ ଅନୁଷ୍ଠିତ ହୋଇ ବୌଦ୍ଧ ୨।-୧ ଗୋଲରେ ବିଜୟୀ ହୋଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଭାବେ ପ୍ରମୋଦଙ୍କୁ ପୁରସ୍କୃତ କରାଯାଇଥିଲା। ପାଇକମାଲ ଏମ୍‌ଇ ସ୍କୁଲ ଶିକ୍ଷକ ସୁଶାନ୍ତ ସାହୁ, ପଟି ନାରାୟଣ ନାୟକ, ରାଜେନ୍ଦ୍ର ରାଉତ, ଭୋଜରାଜ ରାଉତ, ପୂର୍ବତନ ଫୁଟବଲ ଖେଳାଳି କୁସୁମ ରାଓ, ପ୍ରଫୁଲ୍ଲ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅରୁଣ ଭୋଇ ସୁଧାଂଶୁ ସେଠ, ନୀଳ ନାୟକ, ଅଶ୍ୱିନୀ ବେରିଆ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ପାଣିଗ୍ରାହୀ, ଦିଲୁ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ । ଗୋବିନ୍ଦ ସାହୁ, ବୁଲୁ ନାୟକ ସ୍କୋରର ଏବଂ ମିଲନ ସେଠ, ବବୁଲ ସାହୁ, ଦୀପେଶ ଭୋଇ, ଆକାଶ ମାହାର, ବିକାଶ ଦଣ୍ଡସେନା, ଗଙ୍ଗା ମାହାର ସହଯୋଗ କରିଥିଲେ । ରବିବାର ଦ୍ୱିତୀୟ ସେମି ଫାଇନାଲ ଦେବଗଡ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସୁକାନ୍ତ ବାରିକ ଜଣାଇଛନ୍ତି ।

# କିଡ୍‌ନୀ ରୋଗୀଙ୍କ ମୃତ୍ୟୁ

ପୁରୁଣାକଟକ,୧୬।୩(ଡି.ଏନ.ଏ)

ହରଭଙ୍ଗା ବ୍ଲକ ଅଫିସର ଅସ୍ଥାୟୀ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଥିବା ଠିଡିକାଯୋର ଗ୍ରାମର ତପନ ନାଏକ(୪୦) ଶନିବାର ଅପରାହ୍ନରେ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁବରଣ କରିଛନ୍ତି । ତପନ ଦୀର୍ଘ ଦେଢ ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ । ଆର୍ଥାଭାବରୁ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହେବାରୁ ଶେଷରେ କଟକ ବଡମେଡିକାଲରୁ ଗତ କିଛିଦିନ ତଳେ ଘରକୁ ଫେରିଆସିଥିଲେ। ଘରେ ତାଙ୍କର ମୃତ୍ୟୁ ଘଟିଛି । ଘରର ଏକମାତ୍ର ରୋଜଗାରକ୍ଷମ ତପନଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ, ୩ ପୁଅ ଏବଂ ରୋଗିଣା ମା' ମର୍ମାହତ ହୋଇପଡିଛନ୍ତି । ତୁରନ୍ତ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇବାକୁ ଦାବି ହେଉଛି ।



ଭାଜପାର ସଂକଳ୍ପ ଅଭିଯାନ ଚାଲିଛି ।

# ଭାଜପାର ସଂକଳ୍ପ ଅଭିଯାନ

ଜାମଟିକ୍ରା, ୧୬।୩ (ଡି.ଏନ.ଏ)

ଅତାବିରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଣ୍ଟୁଲିପାଲି ବଜାର ପ୍ରାଙ୍ଗଣରେ ଗତ ଶୁକ୍ରବାର ଭାଜପା ପକ୍ଷରୁ ସଂକଳ୍ପ ଅଭିଯାନ କରାଯାଇଛି । ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ଅଭିଯାନ ପ୍ରଭାରୀ ବିପିନ ଭୋସାଗର, କୁଶ କୁମ୍ଭାର, ସୁଦାମ ଭୋଇ, କେ. ସରସ୍ୱତୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଲୋକାଭିମୁଖି ଯୋଜନା ଉପରେ ଲୋକଙ୍କୁ ସଚେତନ କରିଥିଲେ ଓ ବିଜେଡି ସରକାରଙ୍କ ଉପରେ ବର୍ଷିଥିଲେ ।

# ଟେକ୍‌ଯୁଗ୍-୨୦୧୯ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବରଗଡ଼ ଅଫିସ୍,୧୬।୩

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ବୈଷୟିକ ଅନୁଷ୍ଠାନ ସମୂହ କ୍ୟାମ୍ପସରେ ଆଞ୍ଚଳିକସ୍ତରର ବୈଷୟିକ ପ୍ରକଳ୍ପ ତଥା ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଟେକ୍‌ଯୁଗ୍-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ କଲେଜ ଅଫ୍ ଇଞ୍ଜିନିୟରିଂ, ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି, ସରକାରୀ ପଲିଟେକନିକ୍, ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ମାଝିପାଲି, ସରକାରୀ ପଲିଟେକ୍ନିକ୍, ରେଙ୍ଗାଲୀ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବରଗଡ଼ର ଛାତ୍ରୀଛାତ୍ର ଭାଗ ନେଇଥିଲେ ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ବୈଷୟିକ ପ୍ରକଳ୍ପ ପ୍ରତିଯୋଗିତାରେ ପିକେଏଆଇଟିର ଅମିତ କୁମାର ସିଂ ଓ ସହପାଠୀଙ୍କ ଦ୍ୱାରା ନିର୍ମିତ ସ୍ମାର୍ଟ କାର ପ୍ରଥମ, ପିକେଏସିଇର ଛାତ୍ର ବିକ୍ରମ କୁମାର ଷଡ଼ଙ୍ଗୀ ଓ ସହପାଠୀଙ୍କ ନିର୍ମିତ ଡିଜିଟାଲ ଫ୍ଲୋର କ୍ଲିନିଙ୍ଗ ରୋବର୍ଟ ଦ୍ୱିତୀୟ ଏବଂ ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ସୀମା ବଘେଲ ଓ ସହପାଠିନୀଙ୍କ ନିର୍ମିତ ୱାରଗନ ରୋବଟ୍ ଏବଂ ପିକେଏସିଇର ଆଲିଶା ଖେରାନୀ ଓ ସହପାଠୀଙ୍କ ଆଇଓଟି ବେସଡ୍ ଗେରବେଜ୍ ମନିଟରିଂ ସିଷ୍ଟମ ତୃତୀୟ ହୋଇଥିଲ । ପେପର ପ୍ରେଜେଣ୍ଟେଶନ ପ୍ରତିଯୋଗିତାରେ ବି-ଟେକ୍ ବିଭାଗରେ ପିକେଏସିଇର ଛାତ୍ର ସୁଦର୍ଶନ ଦାଶଙ୍କ ମେଗଲେମ ଟ୍ରେନ ଏ ଗିଫ୍ଟ ଅଫ ଇଞ୍ଜିନିୟରିଂ ମେଟେରିଆଲ ଟୁ ମ୍ୟାନକାଇଣ୍ଡ ଓ ଡିପ୍ଲୋମା ବିଭାଗରେ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଦେବୀପ୍ରସାଦ ଦାଶଙ୍କ ଅଫ୍ ରୋଡ୍ ମେଟାଲ ଡିଟେକ୍ଟର ସର୍ବଶ୍ରେଷ୍ଠ ମନୋନିତ ହୋଇଥିଲା । କୁଇଜ ପ୍ରତିଯୋଗିତାରେ ବି-ଟେକ୍ ବିଭାଗରୁ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଛାତ୍ର ଅଜୟ ଏକ୍କା ପ୍ରଥମ, ଲିଜୋଶ କେ. କେ ଦ୍ୱିତୀୟ, ଡିପ୍ଲୋମା ବିଭାଗରେ ପିକେଏଆଇଟିର ଛାତ୍ରୀ ସୁନୟନା ଦାଶ ପ୍ରଥମ ଓ ଆକାଶ ମିଶ୍ର ଦ୍ୱିତୀୟ ପୁରସ୍କାର ଗ୍ରହଣ କରିଥିଲେ । ପୋଷ୍ଟର ମେକିଂ ପ୍ରତିଯୋଗିତାର ଡିପ୍ଲୋମା ବିଭାଗରେ ସରକରୀ ପଲିଟେକ୍ନିକ୍, ରେଙ୍ଗାଲିର ସୁବାଷ ସାହୁ, ବି-ଟେକ୍ ବିଭାଗରେ ପିକେଏସିଇର କେ. ଓସୋ ରାଜା ପୁରସ୍କୃତ ହୋଇଥିଲେ । ଲେନ୍ ଗେମିଙ୍ଗ ପ୍ରତିଯୋଗିତାରେ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ମହମ୍ମଦ ଅରବାଜୁର ରହମାନ ଓ ସାଥୀ ପୁରସ୍କୃତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଅନୁଷ୍ଠାନ ସମୂହ ପରିଚାଳନା ସମିତିର ବରିଷ୍ଠ ସଭ୍ୟ ସର୍ବେଶ୍ୱର ରଥ, ନରସିଂହ ବିଶି, ସମ୍ପାଦକ ତରୁଣ କୁମାର ଷଡ଼ଙ୍ଗୀ, ପିକେଏସିଇର ଅଧ୍ୟକ୍ଷ ଡଃ ଭରତ ଭୂଷଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଇଂ ମନୋଜ କୁମାର ପାଣିଗ୍ରାହୀ, ସୁଜିତ ରଞ୍ଜନ ତ୍ରିପାଠୀ, ଡଃ ଅମ୍ବରୀଶ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଈଶ୍ୱରଧର ବଡ଼ଗୟାନ, ଅମିତ କର, ଅଲପେଶ କୁମାର ଦାଓଡ଼ା, ସୁଭାଶିଷ ନନ୍ଦ, ଶାଶ୍ୱତ ସୁମନ ଶର୍ମା କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ । ଅମିତ କର ଧନ୍ୟବାଦ ଅର୍ପଣ କରିଥିଲେ ।

# କାଂଶୀରାମ ଜୟନ୍ତୀ ସମାରୋହ

ବରଗଡ଼ ଅଫିସ୍,୧୬।୩

ବରଗଡ଼ ସହର ମଙ୍ଗଳାପଡ଼ାରେ ବହୁଜନ ଆନ୍ଦୋଳନର ପୁରୋଧା ତଥା ସାମାଜିକ ସଂସ୍କାରକ କାଂଶୀରାମଙ୍କ ଜୟନ୍ତୀ ସମାରୋହ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁଥ ଭୀମ ସଂଘ ଦ୍ୱାରା ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶୁଦ୍ରମୁକ୍ତି ଅଭିଯାନର ଆବାହକ ପବିତ୍ର ଦେହେରୀ ଯୋଗଦେଇ କାଂଶୀରାମଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଛୋଟ ପିଲାମାନଙ୍କୁ କିଭଳି ଶିକ୍ଷିତ କରାଯାଇପାରିବ ଏବଂ ସାମାଜିକ ସଂସ୍କାର ଆସି ପାରିବ, ସେ ନେଇ ସୁଧୀର କୁମାର ନାଗ ନିଜ ବକ୍ତବ୍ୟ ରଖିଥିଲେ । ଏହା ସହିତ ପରିମଳ, ସ୍ୱଚ୍ଛତା ଏବଂ ରୋଜଗାର ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭବାନୀ ସାହୁ, ସୀତାରାମ ମେହେର, ଗୁଲାପୀ ସୁନା, ଜଗଦୀଶ ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ । ମଙ୍ଗଳାପଡ଼ାର ରମେଶ ସୁନା, ଚନ୍ଦ୍ର କୁମ୍ଭାର, ଚରଣ ନାଗ, ସୁବାସିନୀ ନାଗ, ସଂଯୁକ୍ତା ନାଗ, କୁମୁଦିନୀ କୁମ୍ଭାର, ରୀନା ସାଗର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।



କାଂଶୀରାମଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।



ଯେଉଁ ଶିଡିରେ ଚଢ଼ି ମନୁଷ୍ୟ ଉପରକୁ ଉଠେ, ସେଇ ଶିଡିର ଯେ ପ୍ରଶଂସା କରେ ନାହିଁ ଏହାଠାରୁ ବଳି ବିସ୍ମୟର କଥା ଆଉ କ'ଣ ଅଛି।
- ରୋଜର ନର୍ଥ

# ସିର୍ଲିଗୁଡ଼ା ଗ୍ରାମବାସୀ ପାନୀୟଜଳ ପାଇଁ ଡହଳବିକଳ

**ପୋଖରୀ, କୂଅପାଣି ଭରସା**
- ନିର୍ବାଚନ ପୂର୍ବରୁ ପାନୀୟଜଳ ସମସ୍ୟାର ସମାଧାନ
- ଦାବି ପୂରଣ ନ ହେଲେ ଭୋଟ୍ ବର୍ଜନ ଚେତାବନୀ

**କୋକସରା, ୧୬।୩ (ଡି.ଏନ.ଏ.)**

କୋକସରା ବ୍ଲକ ଟେମରା ଗ୍ରାମ ପଞ୍ଚାୟତ ଅଧୀନ ସିର୍ଲିଗୁଡ଼ା ଗ୍ରାମ ଗହନ୍ତିଆପଡ଼ା, ପୁଝାରୀପଡ଼ା ଏବଂ ସ୍କୁଲପଡ଼ାରେ ବସବାସ କରନ୍ତି ପ୍ରାୟ ୭୦ ପରିବାରର ୧ ହଜାର ଲୋକ। ହେଲେ ଏହି ୩ପଡ଼ାରେ ବର୍ତ୍ତମାନ ସୁଦ୍ଧା ପହଞ୍ଚିପାରୁନି ସରକାରଙ୍କ ପାନୀୟଜଳ ଯୋଗାଣ ବ୍ୟବସ୍ଥା। ଲୋକେ ଖୋଲା କୂଅଁରୁ ପାଣି ସଂଗ୍ରହ କରି ବ୍ୟବହାର କରୁଛନ୍ତି। ନଳକୂପ ଖୋଳିବା ପାଇଁ ଏହି ପଡାରେ ବ୍ୟବସ୍ଥା କରାଯାଉଛି। ହେଲେ ୨୦୦ ଫୁଟ ଖନନ ପରେ ଭୂସ୍ତରରେ ପଥର ଚଟାଣ ଥିବାରୁ ନଳକୂପ ଖୋଳିବା ସମ୍ଭବ ପର ହୋଇପାରୁ ନାହିଁ। ଏନେଇ ଗ୍ରାମବାସୀମାନେ ବାଧ୍ୟ ହୋଇ ପୋଖରୀ ଓ ଖୋଲା କୂଅଁରୁ ପାଣି ଆଣି ବ୍ୟବହାର କରୁଛନ୍ତି। ଅନ୍ୟପଟେ ଗ୍ରାମବାସୀ ଗାଁପାଖରେ ଥିବା ବେହେରା ନଦୀରୁ ପାଇପ୍ ସଂଯୋଗ କରି ୩ପଡାକୁ ପାନୀୟଜଳ ସଂଯୋଗ



ମହିଳାମାନେ କୂଅରୁ ପାନୀୟଜଳ ସଂଗ୍ରହ କରୁଛନ୍ତି।

ପାଇଁ କୋକସରା ଗ୍ରାମ୍ୟପରିମଳ ଓ ଜଳ ଯୋଗାଣ କାର୍ଯ୍ୟାଳୟ ଏବଂ ବ୍ଲକ ପ୍ରଶାସନକୁ ଲିଖିତ ଭାବେ ଜଣାଇଥିବା ଗ୍ରାମର ମହିଳା ପ୍ରେମଶୀଳା ନାଏକ, ଟିକେମଣି ବାଗ, ନାବାଦି ନାଏକ, ଛୟା ନାଏକ, ଗୌରୀମଣି ନାଏକ, ସାବିତ୍ରି ହାତୀ, ବାଳି ନାଏକ, ସବିତା କାଣ୍ଡ, ସିନ୍ଧୁକା ବାଗ, ବଳ ହାତୀ, ଖଗପତି ନାଏକ ପ୍ରମୁଖ କହିଛନ୍ତି। ହେଲେ ଏଥିପ୍ରତି କୌଣସି ପଦକ୍ଷେପ ନିଆଯାଉ ନ ଥିବା ଅଭିଯୋଗ ହୋଇଛି। ନିର୍ବାଚନ ପୂର୍ବରୁ ପାନୀୟଜଳ ସମସ୍ୟାର ସମାଧାନ ନ ହେଲେ ଭୋଟ ବର୍ଜନ କରିବାକୁ ମହିଳାମାନେ ଚେତାବନି ଦେଇଛନ୍ତି। ଏନେଇ କୋକସରା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବସନ୍ତ କୁମାର ସେଠୀଙ୍କୁ ପଚାରିବାରୁ ଏନେଇ ମୋ ପାଖରେ ଖବର ନ ଥିଲା। ତୁରନ୍ତ ପାଣି ଟ୍ୟାଙ୍କର ଯୋଗେ ୩ପଡାକୁ ପାନୀୟଜଳ ଯୋଗାଇଦେବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ



### ବିଦ୍ୟୁତ୍ ତାର ଲାଗି ଜଳିଗଲା ଅଖା ବୋଝେଇ ଟ୍ରକ

କେସିଙ୍ଗା, ୧୬।୩ (ଡି.ଏନ.ଏ)- ବିଦ୍ୟୁତ୍ ତାର ଲାଗି ଶନିବାର ଏକ ଅଖା ବୋଝେଇ ଟ୍ରକ ଜଳିଯାଇଛି। ମିଳିଥିବା ସୂଚନା ମୁତାବକ, କେସିଙ୍ଗାସ୍ଥିତ ନେଚୁରାଲ ଅର୍ଗାନାଇଜ କପା ଫ୍ୟାକ୍ଟ୍ରିର ଏକ ଟ୍ରକ(ନଂ.ଓଆର୍୦୮ବି-୯୩୬୧) ଯୋଗେ ଅଖା ବୋଝେଇ ହୋଇ ଦୁର୍ଗା ମଣ୍ଡପ ନିକଟ ଗୋଦାମକୁ ଯାଉଥିଲା। ହେଲେ ଶ୍ୟାମଜୀ ରାଇସ୍ ମିଲ ନିକଟରେ ଟ୍ରକ୍‌ଟି ୨୫୦ ଭୋଲ୍ଟ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଯାଇଥିଲା। ଫଳରେ ଅଖା ବସ୍ତାରେ ନିଆଁ ଲାଗିଯାଇଥିଲା । ଏନେଇ ସ୍ଥାନୀୟ ଲୋକେ ନିକଟସ୍ଥ ଅଗ୍ନିଶମ ବିଭାଗକୁ ଜଣାଇଥିଲେ। ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ଗାଡିରେ ଥିବା ପାଣି ସରି ଯାଇଥିଲା। ପରେ ଗାଡି ଡ୍ରାଇଭର ଜଳନ୍ତା ଟ୍ରକ୍‌କୁ ଶ୍ୟାମଜୀ ରାଇସମିଲଠାରୁ ଅଧା କି.ମି. ଦୂର ଏକ ପୋଖରୀ ନିକଟକୁ ନେଇଥିଲେ। ପରେ ଅଗ୍ନିଶମ ବିଭାଗ କର୍ମଚାରୀ ପୋଖରୀରେ ପମ୍ପ ଲଗାଇ ନିଆଁ ଲିଭାଇଥିଲେ। ଏନେଇ ୨୬ ନମ୍ବର ଜାତୀୟ ରାଜପଥରେ ଯାନବାହନ ଅଟକି ରହିଥିଲା। ନିଆଁ ଆୟତ୍ତ ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

### ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲର ବାର୍ଷିକ ଉତ୍ସବ

ସମ୍ବଲପୁର,୧୬।୩(ବ୍ୟୁରୋ)
ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଫୁଲଝରନ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ସ୍କୁଲରେ ଶନିବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା ସଭାପତି ଚତୁର ମାଝିଙ୍କ ଅଧକ୍ଷତାରେ ସଭାରେ ମୁଖ୍ୟ ଅତିଥି ଭାବେ ସୁରଜମଲ କଲେଜର ଅଧାପକ ଡ. ମନୋଜ ପଣ୍ଡା, ମୁଖ୍ୟବକ୍ତା ଭାବେ ବରଗଡ ମହିଳା କଲେଜର ଅଧ୍ୟାପକ ରାଧାକାନ୍ତ ମିଶ୍ର, ନିର୍ଦ୍ଦେଶିକା ସନ୍ଧ୍ୟାରାଣୀ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ କବିଚନ୍ଦ୍ର ରାଉତ ଓ ସୋମନାଥ ସାହୁଙ୍କୁ ସମ୍ମାନିତ କରାଯାଇଥିଲା । ଫୁଲଝରଣ ହାଇସ୍କୁଲ ପ୍ରଧାନ ଶିକ୍ଷକ କୁଳମଣି ପ୍ରଧାନ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଚିନ୍ତାମଣୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ଶେଷରେ ଛାତ୍ରୀଛାତ୍ର ମରୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରିଥିଲ।

### ହୃଦ୍‌ଘାତରେ କିରାଣିଙ୍କ ମୃତ୍ୟୁ

ଜୁନାଗଡ,୧୬।୩(ଡି.ଏନ୍.ଏ.)- କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଆଟିଗାଁ ସପ୍ତପଲ୍ଲୀ ବିଦ୍ୟାପୀଠ (ହାଇସ୍କୁଲ)ର କିରାଣି ପିତାମ୍ବର ନାଏକ(୪୫)ଙ୍କ ହୃଦଘାତରେ ପରଲୋକ ହୋଇଯାଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣାରୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

### ବଦ୍ରିପ୍ରସାଦ ଛାତ୍ରଙ୍କ ସଫଳତା

ସମ୍ବଲପୁର, ୧୬।୩ (ବ୍ୟୁରୋ)
ବରଗଡସ୍ଥିତ ପିକେଏଆଇଇଟିଠାରେ ଆଞ୍ଚଳିକ ସ୍ତରୀୟ ବୈଷୟିକ ପ୍ରତିଯୋଗିତା ଶନିବାର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ସମ୍ବଲପୁର ଦେବେଇପାଲିସ୍ଥିତ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ୍ ଟେକ୍‌ନୋଲୋଜିର ଛାତ୍ରୀଛାତ୍ର ଭାଗ ନେଇ ସଫଳତା ହାସଲ କରିଛନ୍ତି । ଲେନଗେମିନ୍ ପ୍ରତିଯୋଗିତାରେ ଆର୍ବାଜୁର ରେହେମାନ୍, ସାକଲେନ୍ ମୁସ୍ତାକ ଏବଂ ସୁଦୀପ୍ତ ଦାଶ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ପେପର୍ ପ୍ରେଜେଣ୍ଟେଶନ୍‌ରେ ଦେବିପ୍ରସାଦ ଦାଶ ପ୍ରଥମ ସ୍ଥାନ ହାସଲ କରି ଇନଷ୍ଟିଚ୍ୟୁଟକୁ ସଫଳତା ଆଣି ଦେଇଛନ୍ତି ।

### ହନୁମାନ ପୀଠ ପ୍ରତିଷ୍ଠା ଉତ୍ସବ

ପଡିଆବାହାଲ,୧୬।୩ (ଡି.ଏନ.ଏ.)
ଜମନକିରା ବ୍ଲକ୍ ଖରସନମାଲ ପଞ୍ଚାୟତ ଅନ୍ତର୍ଗତ ସାହାଜବାହାଲ ଗ୍ରାମରେ ହନୁମାନ ପୀଠ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଯାଇଛି । ଦୁଇ ଦିନ ଧରି ହେବାକୁ ଥିବା ଏହି ପ୍ରତିଷ୍ଠା ଉତ୍ସବ ପାଇଁ ଶନିବାର କଳସ ଶୋଭାଯାତ୍ରା, କୁମ୍ଭପୂରଣ, ଅଙ୍କୁରରୋପଣ ଆଦି କାର୍ଯ୍ୟକ୍ରମ ହୋଇଛି। ରବିବାର ବିଗ୍ରହ ପ୍ରତିଷ୍ଠା ସହ ପୀଠ ସଂସ୍କାର କାର୍ଯ୍ୟ ଆଦି ଅନୁଷ୍ଠିତ ହେବ । ପ୍ରଶାନ୍ତ ନାୟକ, ମୋହନ ତ୍ରିପାଠୀ, ଗୋବିନ୍ଦ କର, ଅର୍ଜୁନ ମହାକୁର, ଟଙ୍କଧର କୁଅଁର, ହରିବନ୍ଧୁ ବରର୍ଡି ଓ ଉପେନ୍ଦ୍ର କୁଅଁର ପ୍ରମୁଖ ସହଯୋଗ କରିଛନ୍ତି।

## ସୋରିଷମାଲ ପ୍ରାଥମିକ ବିଦ୍ୟାଳୟ
# ୩ଦିନ ହେଲା ଖୋଲା ଆକାଶ ତଳେ ପଢୁଛନ୍ତି ଛାତ୍ରୀଛାତ୍ର
## ■ ସମାଧାନ କରିପାରୁନି ଶିକ୍ଷାବିଭାଗ

**ଜୁନାଗଡ,୧୬।୩(ଡି.ଏନ୍.ଏ.)**

କାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଦେଦର ପଞ୍ଚାୟତ ସୋରିଷମାଲ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଗୁରୁବାର ଦିନଠାରୁ ଖୋଲାଆକାଶ ତଳେ ପାଠ ପଢୁଛନ୍ତି। ଏପରି କି ଛାତ୍ରୀଛାତ୍ରମାନେ ଶନିବାର ବାର୍ଷିକ ପରୀକ୍ଷା ମଧ୍ୟ ଦେଇଛନ୍ତି। ଶିକ୍ଷା ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନିଆଯାଇ ପାରୁ ନ ଥିବାରୁ ସମସ୍ୟାର ସମାଧାନ ହୋଇପାରି ନାହିଁ। ଫଳରେ ୩ଦିନ ହେଲା ଛାତ୍ରୀଛାତ୍ରମାନେ ପାଠ ପଢିବା ପାଇଁ ଖରାରେ ସିଝୁଛନ୍ତି। ଏନେଇ ଗ୍ରାମବାସୀ, ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ୮ମାସ ହେଲା ଉକ୍ତ ସ୍କୁଲ ଏକ ପ୍ରଧାନମନ୍ତ୍ରୀ ଆବାସ ଘରେ ଚାଲିଥିଲା। ଶେଷରେ ଘର ମାଲିକ ନିଜ ବ୍ୟକ୍ତିଗତ ସମସ୍ୟା ପାଇଁ ଘରେ ସ୍କୁଲ କରିବାକୁ ମନା କରିଦେଇଥିଲେ। ଫଳରେ ପିଲାମାନେ ପାଠ ପଢିବାକୁ ସ୍ଥାନ ନ ପାଇ ଖୋଲା ଆକାଶ ତଳେ ପଢୁଛନ୍ତି। ଏହି ଖବର ଶୁକ୍ରବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ଫଳରେ ଘଟଣାଟି ଲୋକଲୋଚନକୁ ଆସିବା ସହ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଶନିବାର ଜୁନାଗଡ଼ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ବାଳା ଦେବୀଙ୍କ ନେତୃତ୍ୱରେ ଏବିଇଓ ତୁଳସୀ ମେହେର, ନବକିଶୋର ପାଢୀ, ସ୍ଥାନୀୟ ସିଆରସିସି କ୍ଷୀରସିନ୍ଧୁ ଦୁର୍ଗା ପ୍ରମୁଖ ସୋରିଶମାଲ ଗ୍ରାମରେ ପହଞ୍ଚି ଥିଲେ। ସେହିପରି ଅଧାପନ୍ତରିଆ ହୋଇଥିବା ସ୍କୁଲ କୋଠାର ତଦନ୍ତ କରିବା ପାଇଁ ବିଭାଗୀୟ ଯନ୍ତ୍ରୀ



ଅଧାପନ୍ତରିଆ ସ୍କୁଲ ଗୃହ

ଅଭୟ କୁମାର ପତି ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ଥିଲେ। ବିଇଓ ସୁଧାଂଶୁ ବାଳା ଦେବୀ ଛାତ୍ରୀଛାତ୍ରମାନଙ୍କୁ କିପରି କେଉଁଠି ଥଇଥାନ କରାଯିବ ସେ ନେଇଁ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ସହ ଆଲୋଚନା କରିଥିଲେ। ହେଲେ କୌଣସି ସମାଧାନ ହୋଇପାରି ନ ଥିଲା। ଫଳରେ ସୋମବାରଠାରୁ ଛାତ୍ରୀଛାତ୍ରମାନଙ୍କୁ ରୋଷେଇ ଗୃହରେ ବସାଯାଇ ପାଠ ପଢାଯିବ ବୋଲି ବିଇଓଙ୍କଠାରୁ ଜଣାପଡିଛି। ଏନେଇ ଶନିବାର ରୋଷେଇ ଗୃହକୁ ମଧ୍ୟ ସଫା କରାଯାଉଛି। ଏ ନେଇ ଜୁନାଗଡ ବ୍ଲକ ଶିକ୍ଷା ଅଧିକାରୀ ସୁଧାଂଶୁ ବାଳା ଦେବୀଙ୍କୁ ପଚାରିବାରୁ ଶନିବାର ଏହି ଘଟଣାର ତଦନ୍ତ କରି ଏକ ରିପୋର୍ଟ ଜିଲା ଶିକ୍ଷା ଅଧିକାରୀଙ୍କୁ ପଠାଯାଇଛି ବୋଲି କହିଥିଲେ। ପ୍ରକାଶ ଯେ, ସୋରିଷମାଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୧ଜଣ ଛାତ୍ରୀଛାତ୍ର ରହିଛନ୍ତି। ପାଠ ପଢେଇବା ପାଇଁ ୩ଜଣ ଶିକ୍ଷକ ରହିଛନ୍ତି। ବିଦ୍ୟାଳୟର ପୁରୁଣା କୋଠାଟି ଦୀର୍ଘ ବର୍ଷ ହେବ ବିପଦ ସଙ୍କୁଳ ଅବସ୍ଥାରେ ରହିଥିଲା।



ଖୋଲା ଆକାଶ ତଳେ ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

ଫଳରେ ଛାତ୍ରୀଛାତ୍ରଙ୍କ ଜୀବନ ପ୍ରତି ବିପଦ ରହିଥିବାରୁ ସ୍କୁଲପରିଚାଳନା କମିଟି ଓ ଗ୍ରାମବାସୀ ଏହାର ସମାଧାନ କରିବା ପାଇଁ ଜୁନାଗଡ ବ୍ଲକ ଶିକ୍ଷା ଅଧିକାରୀ, ଜିଲାଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ। ହେଲେ କିଛି ସୁଫଳ ମିଳି ନ ଥିଲା। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ନଷ୍ଟ ହେବ ଆଶଙ୍କା କରି ସ୍କୁଲ ନିକଟରେ ଖୋଲାପଡିଥିବା ଗ୍ରାମର ଜଣେ ବ୍ୟକ୍ତିଙ୍କ ପ୍ରଧାନମନ୍ତ୍ରୀ ଆବାସ ଘରେ କିଛି ଦିନ ସ୍କୁଲ ଚଲେଇବା ପାଇଁ ସ୍କୁଲ ପରିଚାଳନା କମିଟି ଓ ଗ୍ରାମବାସୀ ଘର ମାଲିକଙ୍କୁ ନିବେଦନ କରିଥିଲେ। ଘରମାଲିକଙ୍କ ସହମତି ପ୍ରକାଶ କରିବା ପରେ ଗତ ୮ମାସ ହେଲା ସ୍କୁଲ ଘରେ ଚାଲୁଥିଲା। ତେବେ ବ୍ୟକ୍ତିଗତ ସମସ୍ୟା ପାଇଁ ଘର ମାଲିକ ମନା କରିଦେବାରୁ ଏହି ପରିସ୍ଥିତି ଉପୁଜିଥିଲା। ସେହିପରି ବିଦ୍ୟାଳୟ ପରିସରରେ ହେଉଥିବା ନୂତନ କୋଠାଟି ଗତ ୩ବର୍ଷ ହେବ ଅଧାପନ୍ତରିଆ ଅବସ୍ଥାରେ ରହିଛି। ଏପରି କି କାମରେ ବ୍ୟାପକ ହେରଫେର ହୋଇଥିବାରୁ କୋଠାଟି ଶେଷ ହୋଇ ପାରୁ ନ ଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ ତଥା ଭିଜିଲାନ୍ସ ତଦନ୍ତ କରାଗଲେ ଘଟଣାର ସତ୍ୟ ପଦାକୁ ଆସନ୍ତା ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଯୁବ ନେତୃତ୍ୱ ଗୋଷ୍ଠୀ ବିକାଶ କର୍ମଶାଳା ଉଦ୍‌ଯାପିତ
# ତାଲିମ ନେଲେ ୪୫ ଯୁବତୀଯୁବକ

**ଜୁନାଗଡ,୧୬।୩(ଡି.ଏନ୍.ଏ)**

କଳାହାଣ୍ଡି ଜିଲା ଜୁନାଗଡ଼ ସହର ସଂସ୍କୃତି ଭବନଠାରେ ଚାଲିଥିବା ୩ଦିନିଆ ଯୁବ ନେତୃତ୍ୱ ଓ ଗୋଷ୍ଠୀ ବିକାଶ କର୍ମଶାଳା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଭାରତ ସରକାରଙ୍କ ଯୁବ ବ୍ୟାପର ମନ୍ତ୍ରଣାଳୟ ଅଧୀନ କଳାହାଣ୍ଡି ନେହେରୁ ଯୁବକେନ୍ଦ୍ର ଆନୁକୂଲ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ଗ୍ରାମାଞ୍ଚଳରେ ଥିବା ଯୁବତୀ ଯୁବକମାନଙ୍କ ନେତୃତ୍ୱରେ ବିକାଶ ଓ ଗୋଷ୍ଠୀ ବିକାଶ ପାଇଁ ତାଲିମ ଦିଆଯାଇ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯିବା ଉର୍ଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ୨୦ଟି ଯୁବ ଅନୁଷ୍ଠାନର ୪୫ଜଣ ଯୁବତୀଯୁବକଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। କଳାହାଣ୍ଡି ନେହେରୁ ଯୁବକେନ୍ଦ୍ରର ଦ୍ୱିତୀୟା ବନଛୋରଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଡିଓ ତୁଳାରାମ ମାରାଣ୍ଡି, ସମ୍ମାନିତ ଅତିଥି ଭାବେ ପିଆଇ କଲେଜ ଅଧକ୍ଷ ବିଭୁତି ଭୂଷଣ ମେହେର, କର୍ତ୍ତବ୍ୟର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ ପଟ୍ଟନାୟକ, ଆର୍ଟଅଫ ଲିଭିଂର ବ୍ରହ୍ମଚାରୀ ଅଚ୍ୟୁତ, ଅଧାପକ ସୀମାଞ୍ଚଳ ମିଶ୍ର, ରାମକୁମାର ଲାମା, ବିଭୁଦତ୍ତ ପ୍ରଧାନୀ, ବିକ୍ରମ ରଘୁବଂଶୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ନେହେରୁ ଯୁବ କେନ୍ଦ୍ରର ଜ୍ୟୋତ୍ସା ମଞ୍ଜରୀ ନାଏକ, ସୁଜାତା ନାଥ, ଧରିତ୍ରୀ ନାଏକ, ସ୍ୱାଗତିକା ମୁଣ୍ଡ, ଦିନେଶ ଗୋପାଳ, ନରୋତ୍ତମ ନାଗ, ପ୍ରସାଦ ନାଗ ଜଗଦାନନ୍ଦ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଟିଟୁରାମ ପାତ୍ର ଧନ୍ୟବାଦ ଦେଇଥିଲେ।




ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥି।

# ବିଜୁ ସେତୁ ନିର୍ମାଣରେ ଅନିୟମିତତା ଅଭିଯୋଗ

**କୋକସରା, ୧୬।୩ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ସାନପୋଡାଗୁଡ଼ାରୁ ଗହିରାପଦର ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟ ଆରମ୍ଭ ହୋଇଛି। ଏପରି କି ନେଗୀଗୁଡ଼ା ଓ ସିର୍ଲିଗୁଡା ମଝିରେ ବେହେରା ନାଳା ଉପରେ ଏକ ବିଜୁସେତୁ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଛି। ଏହାର ଅଟକଳ ମୂଲ୍ୟ ୨କୋଟି ୫୬ ଲକ୍ଷ ଟଙ୍କା ରହିଛି। ହେଲେ ବିଜୁସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ପୂର୍ବରୁ ସିର୍ଲିଗୁଡା ଗ୍ରାମବାସୀ ଅଭିଯୋଗ କରିଥିଲେ। ବର୍ତ୍ତମାନ ସେତୁର ସ୍ଲାପ କାମ ଚାଲିଛି। ଶୁକ୍ରବାର ସେତୁର ଗୋଟିଏ ପେନାଲରେ ସ୍ଲାପ ଅଧା ପକାଇ ଛାଡି ଦିଆଯାଇଥିଲା। ସେତୁର ସ୍ଥାୟିତ୍ୱକୁ ନେଇ ଗ୍ରାମବାସୀ ଠିକାସଂସ୍ଥା କର୍ମଚାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଗ୍ରାମବାସୀଙ୍କ ଅଭିଯୋଗକୁ ଠିକାସଂସ୍ଥା କର୍ମଚାରୀ ଅଣଦେଖା କରିଥିଲେ। ଅନ୍ୟପକ୍ଷେ ସ୍ଲାପ କାମ ସମୟରେ କୌଣସୀ କନିଷ୍ଠ ଯନ୍ତ୍ରୀ



ଗ୍ରାମବାସୀମାନେ ବିଜୁ ସେତୁ ନିର୍ମାଣରେ ଅନିୟମିତତା ହେଉଥିବା ଅଭିଯୋଗ କରୁଛନ୍ତି।

କିମ୍ବା ସହକାରୀ ଯନ୍ତ୍ରୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ନିୟମ ରହିଥିବା ବେଳେ ବିଭାଗ ପକ୍ଷରୁ ଅନଭିଜ୍ଞ କର୍ମଚାରୀଙ୍କୁ କାମର ତଦାରଖ ଦାୟିତ୍ୱ ଦିଆଯାଇଛି । ଏନେଇ ସିର୍ଲିଗୁଡା ଗ୍ରାମର ଶ୍ୟାମ ସୁନ୍ଦର ନାଏକ, ସୁରେଶଚନ୍ଦ୍ର ପାଣିଗ୍ରାହୀ, ପଞ୍ଚାନନ ମାଝି, ତରୁଣ ଚଣ୍ଡି, ଗଣେଶରାମ ନାଏକ, ହରେକୃଷ୍ଣ ନାଏକ, ଚୌଧୁରୀ ଦୁର୍ଗା, ତୁଙ୍ଗରାଜ ନାଏକ, ଜଳେଶ୍ୱର ବାଗ, ଟେମରା ସମିତିସଭ୍ୟ ରାଜେନ୍ଦ୍ର ନାଏକ ଶନିବାର ନିର୍ମାଣାଧୀନ ସେତୁ ପାଖରେ ପହଞ୍ଚି ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଆଶିଷ ସେଠୀଙ୍କୁ ଫୋନ ଯୋଗେ କଥାବର୍ତ୍ତା ହେବା ସହ କାମରେ ଅନିୟମିତତା ହେଲେ ଆଗାମୀ ଦିନରେ କାମକୁ ବନ୍ଦ କରିବା ପାଇଁ ଚେତାବନୀ ଦେଇଥିଲେ। ଏନେଇ ସହକାରୀ ଯନ୍ତ୍ରୀ ସୁମିତ ମିଞ୍ଜଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ତାଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ହାତୀ ଆତଙ୍କରେ ଦୁର୍ଗମ ଅଞ୍ଚଳବାସୀ
## ■ ୭ ଘର ଭାଙ୍ଗିଲେ, ବନ ବିଭାଗର ତଦନ୍ତ ଆରମ୍ଭ

**ଲାଞ୍ଜିଗଡ଼,୧୬।୩ (ଡି.ଏନ୍.ଏ.)**

ଲାଞ୍ଜିଗଡ଼ ବ୍ଲକ ଗୁଣ୍ଡୁରୀ ପଞ୍ଚାୟତରେ ରହୁଥିବା ଦୁର୍ଗମ ଅଞ୍ଚଳବାସୀଙ୍କ ମଧ୍ୟରେ ହାତୀ ଆତଙ୍କ ଦେଖାଦେଇଛି। କିଛିଦିନ ତଳେ ଅଞ୍ଚଳରେ ଏକ ବାଘ ଗୃହପାଳିତ ପଶୁଙ୍କୁ ମାରି ଖାଇଥିବା ଅଭିଯୋଗ ହୋଇଥିଲା । ଏନେଇ ଲୋକେ ଭୟଭୀତ ଅବସ୍ଥାରେ ରହୁଥିଲେ। ବର୍ତ୍ତମାନ ଏକ ହାତୀପଲ ଗାଁଗୁଡିକରେ ପଶି ଖାଦ୍ୟଶସ୍ୟ ଖାଇବା ସହ ବ୍ୟାପକ ଉପଦ୍ରବ କରିଥିବା ଜଣାପଡିଛି। ଗତ ୧୩ତାରିଖରେ ୨୦ରୁ ୩୦ଟି ହାତୀ ଗୁଣ୍ଡୁରୀ ପଞ୍ଚାୟତ ଟେରାଙ୍ଗିଲ ଗାଁରେ ପଶି ୭ଟି ପରିବାର ଲୋକଙ୍କ ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ରାତିରେ ଗ୍ରାମବାସୀ ଶୋଇ ଥିବା ବେଳେ ହାତୀପଲ ପଶି ଗ୍ରାମର ରୂପନ୍ତୀ ହରିଜନ, ବଂଶିଧର ହରିଜନ, କିଶନ ହରିଜନ, ବିସନ ହରିଜନ, ରୁକ୍ମଣି ହରିଜନ, ଲାଲୁ ହରିଜନ ଓ ଜୟମଲ ହରିଜନଙ୍କ ଘର ଭାଙ୍ଗି ଚୂର୍‌ମାର୍ କରିଦେଇଥିଲେ। ଫଳରେ ୭ ପରିବାର ଖୋଲା ଆକାଶ ତଳେ ବହୁ କଷ୍ଟରେ ରହୁଛନ୍ତି। ଖବର ପାଇ ବିଶ୍ୱନାଥପୁର ରେଞ୍ଜର ଲକ୍ଷ୍ୟ ମହାନନ୍ଦ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ନୀୟମ ଅନୁଯାୟୀ ଆବଶ୍ୟକ କ୍ଷତିପୂରଣ ଯୋଗାଇ ଦିଆଯିବ ବୋଲି କହିଥିଲେ। ଦୁର୍ଗମ ଅଞ୍ଚଳରେ ବାରମ୍ବାର ବନ୍ୟଜନ୍ତୁଙ୍କ ଆତଙ୍କ ଦେଖାଦେଉଥିବା ବେଳେ ବନବିଭାଗ ପକ୍ଷରୁ ହାତୀ ଘଡାଇବା ପାଇଁ ଆବଶ୍ୟକ ସରଞ୍ଜାମ ନ ଥିବା ଜଣାପଡିଛି। ତୁରନ୍ତ କ୍ଷତିଗ୍ରସ୍ତ ପରିବାର ଲୋକଙ୍କୁ ସହାୟତା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ହାତୀ ଭାଙ୍ଗି ଦେଇଥିବା ଘର।



ସୁଖ ସମୟ ଉପସ୍ଥିତ ହେଲେ ଯେପରି ଦୁଃଖ ଆପେ ଆପେ ଦୂର ହୋଇଯାଏ, ସେହିପରି ହୃଦୟରେ କୃଷ୍ଣପ୍ରେମ ଜାଗ୍ରତ ହୋଇଲେ ବିଷୟବସନା ମନୁଷ୍ୟଠାରୁ ଛାଡ଼ି ପଳାଏ।
- ଶ୍ରୀଚୈତନ୍ୟ ଦେବ



## ସଂକ୍ଷେପରେ

### ଦେଶୀ ମଦ ଜବତ, ଜଣେ ଗିରଫ

**ଲୋଇସିଂହା, ୧୬।୩(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଡୁଡକା ଗ୍ରାମରେ ଲୋଇସିଂହା ପୋଲିସ ଚଢ଼ାଉ କରି ଜଣଙ୍କଠାରୁ ୭ଲିଟର ଦେଶୀ ମଦ ଜବତ କରିବା ସହ ତାଙ୍କୁ ଶୁକ୍ରବାର ଗିରଫ କରିଥିଲା । ଗିରଫ ବଳରାମ ପଟେଲଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନାମତେ, ଆଗଲପୁର ବ୍ଲକ ଡୁଡକା ଗ୍ରାମରେ ବ୍ୟାପକ ଦେଶୀବିଦେଶୀ ମଦ କାରବାର ଚାଲିଛି । ମଦ୍ୟପମାନେ ନିଶା ସେବନ କରି ଗ୍ରାମରେ ଆତଙ୍କ ସୃଷ୍ଟ କରୁଛନ୍ତି। ମହିଳାମାନେ ରାସ୍ତାରେ ଚାଲିବାକୁ ଅସୁରକ୍ଷିତ ମଣୁଛନ୍ତି। ଗ୍ରାମରେ ଚାଲିଥିବା ବେଆଇନମଦ କାରବାରକୁ ବନ୍ଦ କରିବାକୁ ବିଭିନ୍ନ ମହଲରେ ଦାବି ହୋଇ ଆସୁଛି । ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଲୋଇସିଂହା ପୋଲିସ ଡୁଡକାରେ ଚଢ଼ାଉ କରି ବଳରାମଙ୍କଠାରୁ ମଦ ଜବତ କରିଥିଲା । ଏନେଇ ଥାନାରେ ଏକ ମାମଲା(ନଂ. ୫୧/୧୯)ରୁଜୁ କରି ଶନିବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିବା ଏଏସଆଇ ଆର୍ତ୍ତତ୍ରାଣ ସାହୁ ପ୍ରକାଶ କରିଛନ୍ତି।

### ରେଲୱେ କର୍ମଚାରୀଙ୍କ ଘରୁ ଚୋରି

**ଟିଟିଲାଗଡ଼, ୧୬।୩ (ଡି.ଏନ.ଏ.):** ଟିଟିଲାଗଡ ରେଳବାଇ ନିଉ କଲୋନୀସ୍ଥିତ ଜନୈକା ମହିଳା କର୍ମଚାରୀ ଅର୍ଣ୍ଣା ବେହେରାଙ୍କ ବାସଭବନରୁ ଚୋରି ହୋଇଛି। ଚୋରମାନେ ତାଙ୍କ ଘରେ ପଶିବା ପରେ ଆଲମିରା ଭାଙ୍ଗି ନଗଦ ୩ ଲକ୍ଷ ୬୧ ହଜାର ଟଙ୍କା, ଅଢେଇ ତୋଳା ସୁନା ଏବଂ ରୂପା ଗହଣା ଚୋରି କରିନେଇଥିବା ଜିଆରପି ଥାନାରେ ଅଭିଯୋଗ ହୋଇଛି। ଅର୍ଣ୍ଣାଙ୍କ କହିବା ମୁତାବକ ଗତ ୧୩ ଏବଂ ୧୪ ତାରିଖ ଦୁଇଦିନ ତାଙ୍କ ପରିବାର ଘରେ ଅନୁପସ୍ଥିତ ଥିଲେ। ୧୫ ତାରିଖ ଦିନ ରାତ୍ରୀ ପ୍ରାୟ ୧୦ଟାରେ ସେ ଫେରି ଦେଖିବା ବେଳକୁ ଘର କବାଟରେ ଦିଆଯାଇଥିବା ତାଲା ଭଙ୍ଗାଯାଇଥିଲା। ଚୋରମାନେ ପଲଙ୍କ ବେଡ ତଳେ ଥିବା ଚାବି ବାହାର କରି ଆଲମିରା ଖୋଲିବା ପରେ ଟଙ୍କା ସୁନା ଲୁଟି ନେଇଥିଲେ। ଘର ଭିତରେ ତିନୋଟି ଲୁହା ଛଡ ପଡି ରହିଥିବାରୁ ସମ୍ଭବତଃ ଚୋରମାନେ ଏହାକୁ ଧରି ଆସିଥିବା ଅନୁମାନ କରାଯାଉଛି। ଏହି କଲୋନିରେ ଲଗାତାର ଭାବରେ ୬ ଜଣ କର୍ମଚାରୀଙ୍କ ଘରୁ ଲୁଟ କରିଥିବା ବେଳେ ପୋଲିସ ଏହାର ଟେର ପାଉ ନ ଥିବା କଲୋନି ବାସିନ୍ଦା ଅଭିଯୋଗ କରିଛନ୍ତି। ଏନେଇ ତଦନ୍ତ ଜାରି ରଖିଥିବା ଜିଆରପି ଅଧିକାରୀ ଅବନୀ ସାହୁ କହିଛନ୍ତି।

### ବାଳକୃଷ୍ଣ କର ଜୟନ୍ତୀ ପ୍ରସ୍ତୁତି ବୈଠକ

**ବଲାଙ୍ଗୀର ଅଫିସ, ୧୬।୩:** ମାତୃଭୂମି ଓ ସହକାର ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ତଥା ବର୍ଷିୟାନ ସାମ୍ବାଦିକ ସ୍ୱର୍ଗତ ବାଳକୃଷ୍ଣ କରଙ୍କ ୧୩୨ତମ ଜୟନ୍ତୀ ଆସନ୍ତା ଏପ୍ରିଲ ୬ତାରିଖରେ ବଲାଙ୍ଗୀରରେ ପାଳନ କରାଯିବ । ଏହି ଜୟନ୍ତୀ ସମାରୋହକୁ ସଫଳ କରିବା ପାଇଁ ଏକ କମିଟି ଗଠନ କରାଯାଇଛି । କମିଟିରେ ରାଜୀବ କୁମାର ଷଡଙ୍ଗୀ ସଭାପତି, ଉମାଶଙ୍କର ଶତପଥୀ ଉପସଭାପତି, ବାରଣ ଭୂୟାଁ ସାଧାରଣ ସମ୍ପାଦକ, ଆକୁଳ ବେହେରା ସହସମ୍ପାଦକ, ଜୟପ୍ରକାଶ ମଟାରୀ ସଙ୍ଗଠନ ସମ୍ପାଦକ, ଶେଷଦେବ ଯୁଏଡ କୋଷାଧ୍ୟକ୍ଷ ଦାୟିତ୍ୱରେ ରହିଛନ୍ତି । ଉପଦେଷ୍ଟା ମଣ୍ଡଳୀରେ ଶଙ୍କର ପ୍ରସାଦ ମିଶ୍ର, ରାମକୁମାର ଅଗ୍ରୱାଲ, ଗୋପବନ୍ଧୁ ଶତପଥୀ, ମନୋଜ କୁମାର ମିଶ୍ର, ଶରତ ମହାକୁର, ରଞ୍ଜିତ ମିଶ୍ର ରହିଛନ୍ତି। ଚଳିତବର୍ଷ ଜୟନ୍ତୀ ପାଳନ ଅବସରରେ ଗଣମାଧମ ପ୍ରତିନିଧି, ସମାଜସେବୀ, କ୍ରୀଡାବିତ ଓ ଖବରକାଗଜ ବିକ୍ରେତାଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ହୋଇଛି।

ଟିଟିଲାଗଡ଼ ଏବଂ କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ

# ଭିନ୍ନକ୍ଷମଙ୍କ ପାଇଁ ସ୍ୱତନ୍ତ୍ର ଯାନ

**ଟିଟିଲାଗଡ଼, ୧୬।୩ (ଡି.ଏନ.ଏ)**

**୬୪୩ ବୁଥରେ ଭୋଟ ଗ୍ରହଣ**

ସାଧାରଣ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଛି। ମୁକ୍ତ ତଥା ଅବାଧ ନିର୍ବାଚନ ସମ୍ପନ୍ନ ପାଇଁ ଟିଟିଲାଗଡ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ଉପଜିଲାପାଳ ତଥା ସୁଧାକର ନାୟକ ଶନିବାର ଏକ ଖବରଦାତା ସମ୍ମିଳନୀରେ ନିର୍ବାଚନ କମିଶନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି। ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ପାଇଁ ଆସନ୍ତା ୧୯ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ୧୯ରୁ ୨୬ ତାରିଖ ପର୍ଯ୍ୟନ୍ତ କଣ୍ଟାବାଞ୍ଜି ଏବଂ ଟିଟିଲାଗଡ ବିଧାନସଭା ପାଇଁ ଏଠାରେ ପ୍ରାର୍ଥିପତ୍ର ଗ୍ରହଣ କରାଯିବ। ୨୭ରେ ପ୍ରାର୍ଥିପତ୍ର ଯାଞ୍ଚ ତଥା ୨୯ ପର୍ଯ୍ୟନ୍ତ ନାମାଙ୍କନ ପ୍ରତ୍ୟାହାର ତିଥି ଧାର୍ଯ୍ୟ ରହିଛି। ଟିଟିଲାଗଡ ବିଧାନସଭା ନିର୍ବାଚନ ମଣ୍ଡଳୀର ମୋଟ ୨,୪୮,୮୮୫ ଭୋଟର ଏବଂ କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ୨,୭୩,୬୭୮ ଭୋଟର ମତଦାନ କରିବେ। ଟିଟିଲାଗଡ ନିର୍ବାଚନ ମଣ୍ଡଳୀର ୩୦୯ଟି ବୁଥ ତଥା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ୩୩୪ଟି ବୁଥରେ ଭୋଟଗ୍ରହଣ କରାଯିବ। ସେ ମଧ୍ୟରୁ ଉଭୟ ନିର୍ବାଚନ ମଣ୍ଡଳୀର ୧୧୮ଟି ବୁଥ ସମ୍ବେଦନଶୀଳ ଘୋଷଣା କରାଯାଇଛି। ସମ୍ବେଦନଶୀଳ ବୁଥ ମଧ୍ୟରୁ ୧୩ଟିର ସିଧା ପ୍ରସାରଣ, ୬୯ଟିରେ ସିସିଟିଭି ବ୍ୟବସ୍ଥା, ୨୫ଟିରେ ମାଇକ୍ରୋ ଅବଜାରଭର, ୧୧ଟି ବୁଥରେ ମତଦାନ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯିବ। ସହରାଞ୍ଚଳର ୨୭ଟି ବୁଥରେ ମହିଳା ଅଧିକାରୀ ନିୟୋଜିତ ହେବେ। ବିଜେପୁର ନିର୍ବାଚନ ପରେ ପ୍ରଥମ ଥର ରାଜ୍ୟର ସମସ୍ତ ବୁଥରେ ଇଭିଏମ ସହ ଭିଭିପିଏଟି ବ୍ୟବହାର କରାଯିବ। ଭିନ୍ନକ୍ଷମଙ୍କୁ ଭୋଟକେନ୍ଦ୍ରକୁ ଯିବା ପାଇଁ ସ୍ୱତନ୍ତ୍ର ଗାଡି ତଥା ଭୋଟ ଗ୍ରହଣ କେନ୍ଦ୍ରରେ ର୍ୟାମ୍ପ ଏବଂ ହ୍ୱିଲଚେୟାର ଆଦି ବ୍ୟବସ୍ଥା ରହିବ। ୧୧ଟି ବିଭିନ୍ନ ପ୍ରମାଣପତ୍ରକୁ ଭୋଟରଙ୍କ ପରିଚୟ ପତ୍ର ଭାବରେ ଗ୍ରହଣ କରାଯିବ। ଗଣମାଧ୍ୟମ ପ୍ରତିନିଧି ଭୋଟକେନ୍ଦ୍ର ଭିତର ଦୃଶ୍ୟ ଉତ୍ତୋଳନ କରିପାରିବେ ନାହିଁ। କୌଣସି ଅଭିଯୋଗ ନେଇ ଶହେ ମିନିଟ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଚୁନାବ ପାଠଶାଳା କାର୍ଯ୍ୟକ୍ରମ ଜରିଆରେ ଭୋଟରଙ୍କୁ ବ୍ୟାପକ ସଚେତନ କରାଯିବ ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଜିଲାପାଳ ଦେବାଶିଷ ସାମଲ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋଜ ବେହେରା ତଥା ବିଭିନ୍ନ ରାଜନୈତିକ ଦଳ ପ୍ରତିନିଧି ଉପସ୍ଥିତ ଥିଲେ।

## ଅଟକଳ ଅନୁଯାୟୀ କାମ ଦାବିକଲେ ଗ୍ରାମବାସୀ

**ଲୋଇସିଂହା, ୧୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ପିଡବୁଡ଼ି ଅଧୀନରେ ଥିବା ଲୋଇସିଂହା-ପଦ୍ମପୁର ରାସ୍ତାର ଭରସୁଜାଠାରେ ନିର୍ମାଣ ଚାଲିଥିବା ଏକ କଲଭର୍ଟ କାମ ଅଟକଳ ଅନୁଯାୟୀ କାମ କରା ଯାଉ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଭରସୁଜା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଜବରଦଖଲ ଉଚ୍ଛେଦ କରି ଅଟକଳ ଅନୁଯାୟୀ କାମ ଦାବିରେ ଶନିବାର ଗ୍ରାମବାସୀ କାମକୁ ବନ୍ଦ କରି ଦେଇଛନ୍ତି। ପ୍ରାପ୍ତମତେ, ଆଗଲପୁର ବ୍ଲକ ଅନ୍ତର୍ଗତ ଭରସୁଜା ଗାଁ ଦେଇ ଲୋଇସିଂହା-ପଦ୍ମପୁର ପିଡବ୍ଲୁଡି ରାସ୍ତା ଯାଇଛି । ଗାଁମୁଣ୍ଡ ରାସ୍ତାରେ ଏକ କଲଭର୍ଟ ରହିଛି । ଏହା ଶୋଚନୀୟ ହୋଇ ପଡିଛି । କଲଭର୍ଟ ନିକଟରେ ଜବରଦଖଲ କରି ରାସ୍ତାକୁ ଲାଗି କେତେକ ଲୋକେ ଘରଦ୍ୱାର କରିଛନ୍ତି। । ଫଳରେ ବସ୍ତିର ଡ୍ରେନରେ ଆସୁଥିବା ପାଣି ଉକ୍ତ କଲଭର୍ଟରେ ନିଷ୍କାସନରେ ବାଧା ସୃଷ୍ଟି ହେଉଛି। କଲଭର୍ଟରେ ଗର୍ତ୍ତ ଯୋଗୁ ଦୁର୍ଘଟଣା ବୃଦ୍ଧି ପାଇବା ପରେ ନୂତନ କଲଭର୍ଟ ନିର୍ମାଣ ପ୍ରକ୍ରିୟା ବିଭାଗ ପକ୍ଷରୁ ଆରମ୍ଭ ହୋଇଛି। ହେଲେ ଜବରଦଖଲକାରୀଙ୍କ ଯୋଗୁ ଅଟକଳ ଅନୁଯାୟୀ କାମରେ ବାଧା ସୃଷ୍ଟି କରୁଛି । ଏହାଫଳରେ ବିଭାଗ ପକ୍ଷରୁ ୪୦ଫୁଟ ବଦଳରେ ୨୦ଫୁଟର କଲଭର୍ଟ କରି କାମ ସାରି ଦେବାକୁ ବିଭାଗୀୟ ଅଧିକାରୀ ଯୋଜନା କରିଥିଲେ । ଏହା ଗ୍ରାମବାସୀ ଜାଣିଲା ପରେ ପୁଣି ଯେଉଁ ସମସ୍ୟାକୁ ସେହି ସମସ୍ୟା ଆଶଙ୍କା କରି କାମକୁ ବିରୋଧ କରିଥିଲେ । ଏ ସମ୍ପର୍କରେ ବିଭାଗୀୟ ଏସଡିଓ ମହାପାତ୍ରଙ୍କୁ ପଚାରିବାରୁ ଜବର ଦଖଲ ଉଚ୍ଛେଦ କରି କାମ କରିବାକୁ ଗ୍ରାମବାସୀ ଦାବି କରିଥିବା କହିଛନ୍ତି।

## ନାତୁଣୀଙ୍କୁ କମେଣ୍ଟ, ଅଜାଙ୍କୁ ମାଡ଼

**ବଲାଙ୍ଗୀର ଅଫିସ, ୧୬।୩**

ବଲାଙ୍ଗୀର ଜିଲା ପୁଇଁତଲା ଥାନା ଅନ୍ତର୍ଗତ ଅଙ୍କରିଆପଦର ଗ୍ରାମର ଜଣେ ନାବାଳିକାଙ୍କୁ ଜଣେ ଯୁବକ କମେଣ୍ଟ ମାରିଥିବା ଅଭିଯୋଗ ହୋଇଛି। ପ୍ରତିବାଦ କରିବାରୁ ସମ୍ପୃକ୍ତ ନାବାଳିକାଙ୍କ ଅଜାଙ୍କୁ ଯୁବକ ଜଣକ ନିସ୍ଥୁକ ମାଡ ମାରଛନ୍ତି। ଏଥିରେ ଆହତ ଅଜାଙ୍କ ପଞ୍ଜରା ହାଡ ଭାଙ୍ଗିଯାଇଛି। ତାଙ୍କୁ ସନ୍ଥ ଭୀମଭୋଇ ମେଡିକାଲ କଲେଜର ଅସ୍ଥିଶଲ୍ୟ ବିଭାଗରେ ଭର୍ତ୍ତି କରାଯାଇଛି।

ସ୍ଥାନୀୟ ଏକ ସ୍କୁଲରେ ନବମ ଶ୍ରେଣୀରେ ପଢୁଥିବା ଅଙ୍କରିଆପଦର ଗ୍ରାମର ଉକ୍ତ ନାବାଳିକା ଜଣକ ପଢ଼ିବାକୁ ଗଲାବେଳେ ବୁଲୁ କୁଅଁର ନାମକ ଜଣେ ଯୁବକ ତାଙ୍କୁ ନିୟମିତ ଅଶ୍ଳୀଳ କମେଣ୍ଟ କରିଆସୁଥିଲେ । ଏହାକୁ ନେଇ ନାବାଳିକା ଛାତ୍ରୀ ଘରେ ଅଭିଯୋଗ କରିଆସୁଥିଲେ। ଶୁକ୍ରବାର ଏହି କମେଣ୍ଟ ମରା ଘଟଣାକୁ ନେଇ ନାବାଳିକାଙ୍କ ଅଜା ବୁଲୁଙ୍କୁ ପଚାରି ଏଭଳି ହଇରାଣ ନ କରିବାକୁ କହିଥିଲେ । ଏହାପରେ ଅପରାହ୍ଣ ପ୍ରାୟ ୨ଟା ବେଳକୁ ବୁଲଙ୍କ ସମେତ ୯ ଜଣ ରାସ୍ତାରେ ଅଟକାଇ ନାବାଳିକାଙ୍କ ଅଜାଙ୍କୁ ମାଡ ମାରିବାରେ ସେ ଗୁରୁତର ହୋଇଥିଲେ। ଆହତଙ୍କୁ ସନ୍ଥ ଭୀମଭୋଇ ମେଡିକାଲ କଲେଜ ହସପିଟାଲକୁ ନିଆଯାଇଥିଲା। ଘଟଣା ସମ୍ପର୍କରେ ଆହତଙ୍କ ସ୍ତ୍ରୀ ପୁଇଁତଲା ଥାନାରେ ଅଭିଯୋଗ କରିଛନ୍ତି । ଭୟଭୀତ ନାତୁଣୀ ଏବେ ଆଉ ସ୍କୁଲକୁ ଯାଉନାହାନ୍ତି । ଏ ନେଇ ପୁଇଁତଲା ଥାନା ଦାୟିତ୍ୱରେ ଥିବା ଡିଏସ୍‌ପି କେ .କେ. ହରିପ୍ରସାଦଙ୍କୁ ପଚାରିବାରୁ ଏହି ଘଟଣାର ଉଚିତ୍ ତଦନ୍ତ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

### ରାଜେନ୍ଦ୍ର ନାରାୟଣ ସିଂଦେଓ ଜୟନ୍ତୀ ସମାରୋହ ନେଇ ପ୍ରସ୍ତୁତି

**ବଲାଙ୍ଗୀର ଅଫିସ, ୧୬।୩**

ବଲାଙ୍ଗୀର ରାଜେନ୍ଦ୍ର ଯୁବକ ସଂଘ ଓ ସବୁଜ ଓଡିଶାର ଖୋଲାଫର୍ଦ୍ଦର ମିଳିତ ଆନୁକୂଲ୍ୟରେ ମାର୍ଚ୍ଚ ୩୧ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ରାଜେନ୍ଦ୍ର ନାରାୟଣ ସିଂଦେଓଙ୍କ ୧୦୮ତମ ଜନ୍ମବାର୍ଷିକୀ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ୩୧ ତାରିଖ ପୂର୍ବାହ୍ଣ ୯ଟାରେ ସ୍ଥାନୀୟ ରାଜେନ୍ଦ୍ର ପାର୍କଠାରେ ସ୍ୱର୍ଗତ ସିଂଦେଓଙ୍କର ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସନ୍ଧ୍ୟା ୭ରେ ସାମ୍ବାଦିକ ଭବନଠାରେ ସ୍ମୃତିସଭା ଓ କୃତି ପ୍ରତିଭାଧରଙ୍କୁ ପାଟଣା ସ୍ମୃତି ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଥିଲା । ଚଳିତବର୍ଷ ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ରାଜେନ୍ଦ୍ର ନାରାୟଣ ସ୍ମୃତି ସମ୍ମାନ ପ୍ରଦାନ କରାଯିବ। ବୈଠକରେ ସ୍ମୃତି କମିଟି ଅଧ୍ୟକ୍ଷ ଶରତ ଚନ୍ଦ୍ର ମିଶ୍ର, ସମ୍ପାଦକ ରାଜେନ୍ଦ୍ର ପାଣିଗ୍ରାହୀ, ଉପଦେଷ୍ଟା ସତ୍ୟନାରାୟଣ ବେହେରା, ସନ୍ଦୀପ କୁମାର କୁଅଁର, ଡା. ସିଦ୍ଧେଶ୍ୱର ମିଶ୍ର, ଜାବେଦ ଏକବାଲ, ଗିରୀଶ ଚନ୍ଦ୍ର ବରାଇ ଉପସ୍ଥିତ ଥିଲେ ।



ଦେଓଗାଁ କଛାରପାଲି ଜଗନ୍ନାଥ ମନ୍ଦିର ପରିସରରେ ଭାଜପାର ବିଜୟ ସଂକଳ୍ପ ଯାତ୍ରାର ଶୁଭାରମ୍ଭ କରାଯାଉଛି ।

## ଭାଜପାର ବିଜୟ ସଂକଳ୍ପ ଯାତ୍ରା, ସାଙ୍ଗଠନିକ ସଭା

**ଦେଓଗାଁ, ୧୬।୩(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ୫ଟି ପଞ୍ଚାୟତରେ ଶନିବାର ଭାଜପାର ବିଜୟ ସଂକଳ୍ପ ଯାତ୍ରା ଆରମ୍ଭ ହୋଇଥିବା ବେଳେ ୨ଟି ପଞ୍ଚାୟତରେ ସାଂଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି । ବିଜୟ ସଂକଳ୍ପ ଯାତ୍ରାର ଜିଲା ସଂଯୋଜକ ଡ. ବାସୁଦେବ ପତିଙ୍କ ସଂଯୋଜନା ତଥା ମଣ୍ଡଳ ସଭାପତି ସଞ୍ଜୀବ କୁମାର ସାହୁଙ୍କ ସଭାପତିତ୍ୱରେ ବ୍ଲକ ଅନ୍ତର୍ଗତ ସଦର ପଞ୍ଚାୟତର କଛାରପାଲିସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଏହିଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ବେଣୀମାଧବ ହୋତା, ରଜନୀକାନ୍ତ ଦାଶ, ଦୟାମୟ ସାହୁ ସନ୍ୟାସୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ପଥପ୍ରାନ୍ତ ନାଟକ ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଜନହିତକର ଯୋଜନା ସମ୍ପର୍କରେ ଜନସଚେତନ ସୃଷ୍ଟି କରାଯାଇଥିଲା। ପରେ ଜରାସିଂହା, ସାଲେପାଲି, ଉଡାର ଓ ମହଲାଇ ପଞ୍ଚାୟତରେ ମଧ୍ୟ ତଦ୍ରୂପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମହଲାଇ ପଞ୍ଚାୟତ ବଗଡାରେ ଅନୁଷ୍ଠିତ ସାଂଗଠନିକ ସଭାରେ ଡ. ପତି ଯୋଗଦେଇ ବୁଥସ୍ତରୀୟ ସମୀକ୍ଷା କରିଥିଲେ। ଗୋପାଳଜୀ ପାଣିଗ୍ରାହୀ, ଅନନ୍ତ କୁମାର ଦାଶ, ପଙ୍କଜିନି ପଣ୍ଡା, ଭାଜପା ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ଡା. ଶଶୀଭୂଷଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ୧୨ ନଂ ଜୋନ ଅନ୍ତର୍ଗତ ସାରସମାଲରେ ମଣ୍ଡଳ ସଭାପତି ବାସୁଦେବ ସିଂ ନିନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂଗଠନିକ ସଭାରେ ପୂର୍ବତନ ଏମପି ସଙ୍ଗୀତା କୁମାରୀ ସିଂଦେଓ, ଭାଜପା ନେତା ଡ. ବାସୁଦେବ ପତି, ଯୁବନେତା ଅମିତ କୁମାର ସିଂ ନିନା ପ୍ରମୁଖ ଯୋଗଦେଇ ସଂଗଠନକୁ ସୁଦୃଢ଼ କରିବାପାଇଁ ଗୁରୁତ୍ୱାରୋପ କରିଥିଲେ ।

ବଢୁଛି ବେଆଇନ ମଦ କାରବାର

## ଅବକାରୀ କାର୍ଯ୍ୟାଳୟ ପାଲଟିଛି ରୋଷେଇଘର

**ଗୁଡଭେଲା, ୧୬।୩(ଡି.ଏନ୍.ଏ.)**

ଗୁଡଭେଲା ବ୍ଲକ ଅଞ୍ଚଳରେ ବେଆଇନ ମଦ କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ସ୍ଥାନୀୟ ଅବକାରୀ ବିଭାଗ ଏହାକୁ ରୋକିବାରେ ବିଫଳ ହୋଇଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ତୁଷୁରା ଅବକାରୀ ଉପନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଦୁଇ ଜଣ ତଳସ୍ତରୀୟ କର୍ମଚାରୀ ରହୁଥିବା ବେଳେ ଅଧିକାରୀ ଜଣକ ପ୍ରାୟ ବଲାଙ୍ଗୀରରେ ରହୁଛନ୍ତି। ଏପରିସ୍ଥିତିରେ କାର୍ଯ୍ୟାଳୟ ଏକ ପ୍ରକାର ରାଷେଇ ଘର ପାଲଟିଥିବା ଦେଖିବାକୁ ମିଳୁଛି। କିଛି ଦିନ ତଳେ ତୁଷୁରା ପୋଲିସ କାର୍ଯ୍ୟାଳୟ ନିକଟରୁ ଗଞ୍ଜେଇ ଥିବା ଏକ ମିନିଟ୍ରକକୁ ଜବତ କରିଥିବା ବେଳେ ଅବକାରୀ ବିଭାଗ ନୀରବ ସାଜିଥିଲା। ଅନ୍ୟପକ୍ଷେ କାର୍ଯ୍ୟାଳୟରେ ପ୍ରାୟ ଉଚ୍ଚ ଅଧିକାରୀ ରହୁ ନ ଥିବାରୁ ଏପରି ସମସ୍ୟା ହେଉଥିବା ଜଣାପଡିଛି। ଏହାର ସୁଯୋଗ ନେଇ ଚୋରା ବେପାରୀମାନେ ଗଞ୍ଜେଇ, ଦେଶୀ ଓ ବିଦେଶୀ ସହ ମହୁଲି ମଦ କାରବାର ବହୁ ପରିମାଣରେ ଚଳାଉଥିବା ଅଭିଯୋଗ ହେଉଛି। ବ୍ଲକର ଗ୍ରାମଗୁଡିକ ବଲାଙ୍ଗୀର, ବୌଦ୍ଧ, ଫୁଲବାଣୀ, କଳାହାଣ୍ଡି ଓ ସୋନପୁର ଜିଲା ସୀମାକୁ ଲାଗି ରହିଥିବାରୁ ଚୋରା ବେପାରୀମାନଙ୍କୁ ଏହି କାରବାର ଚଳାଇବାରେ ସହଜ ହୋଇଛି। ଏପରି କି ସରକାରଙ୍କ ଠାରୁ ଅନୁମତି ପାଇଥିବା ମଦ ଦୋକାନଗୁଡିକ ନିଜ ଦୋକାନରେ ବିକ୍ରି କରିବାର ନିୟମ ରହିଥିବା ବେଳେ ଗାଁଗୁଡିକରେ କିଛି ନେତାଙ୍କୁ ହାତ କରି ଅବାଧରେ ମଦ ବିକ୍ରି ଚାଲିଛି । ଏ ନେଇ ସ୍ଥାନୀୟ ଅବକାରୀ ଅଧିକାରୀ ସଚ୍ଚିକାନ୍ତ ଦତ୍ତଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଅସ୍ୱୀକାର କରିଥିଲେ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଯଦି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ଗ୍ରହଣ ନ କଲେ ସରକାରଙ୍କ ରାଜସ୍ୱ ହାନି ହେବା ସହ ମଦ ମୃତ୍ୟୁ ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇପାରିବ ନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି ।



ତୁଷୁରା ଅବକାରୀ ଉପ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ରୋଷେଇ କରାଯାଉଛି ।

### ଅଟୋ-ବାଇକ ଧକ୍କା: ଜଣେ ଗୁରୁତର

**ତରଭା, ୧୬।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଜରାଜାରିଙ୍ଗି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରଙ୍ଗପୁର ଛକ ନିକଟରେ ବାଇକ ଓ ଅଟୋ ମଧ୍ୟରେ ଧକ୍କା ହେବାରୁ ଜଣେ ଗୁରୁତର ହୋଇଛନ୍ତି। ତରଭା ପୋଲିସ ସୂତ୍ରରୁ ପ୍ରକାଶ ଯେ, ଲୁକାପଡା ଗ୍ରାମର ଶ୍ରୀକାନ୍ତ ପ୍ରଧାନ(୨୭) ତାଙ୍କ ବାଇକ ନମ୍ବର ଓ ଆର ୦୩ ଇ ୭୪୦୨ରେ ସନ୍ତୋଷ ତ୍ରିପାଠୀ (୪୦) ଓ ବୁଲୁ ସେଠ (୪୦)ଙ୍କୁ ସଙ୍ଗରେ ଧରି ତରଭା ଆଡକୁ ଆସୁଥିଲେ। ଏହି ସମୟରେ ରଙ୍ଗପୁର ଛକ ନିକଟରେ ମେଣ୍ଡା ଗ୍ରା କୁ ଯାଉଥିବା ଏକ ଅଟୋ ନମ୍ବର ଓ.ଡି ୦୩ ଏଚ ୮୭୧୪କୁ ଧକ୍କା ଦେଇଥିଲା । ଏଥିଯୋଗୁ ବାଇକରେ ବସିଥିବା ତିନିଜଣ ଛିଟିକି ପଡିଯାଇଥିଲେ । ଫଳରେ ବାଇକ ଚାଳକ ଶ୍ରୀକାନ୍ତ ପ୍ରଧାନ ଗୁରୁତର ଆହତ ହୋଇ ହୋଇଥିଲେ।

## ଜନବସତିରୁ ଦୂରରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣକୁ ବିରୋଧ, ବିଡିଓଙ୍କୁ ଦାବିପତ୍ର ପ୍ରଦାନ

**ବଙ୍ଗୋମୁଣ୍ଡା, ୧୬।୩(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡା ବ୍ଲକର ନବଗଠିତ ଭୁର୍ଷାଗୁଡା ଗ୍ରାମ ପଞ୍ଚାୟତର କାର୍ଯ୍ୟାଳୟ ନିର୍ମାଣ ଜନବସତିରୁ ବହୁ ଦୂରରେ କରାଯାଉଥିବା ଅଭିଯୋଗ ହୋଇଛି। ଏ ନେଇ ଗ୍ରାମ ପଞ୍ଚାୟତ ଅଧୀନରେ ଥିବା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ଶନିବାର ବିଡିଓ ଅନିରୁଦ୍ଧ ପ୍ରଧାନଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ସରକାରୀ ଜମି ମହଜୁଦ୍ ଥିବା ସତ୍ତ୍ୱେ ନିକଟସ୍ଥ କଳାହାଣ୍ଡି ଜିଲା ସୀମାନ୍ତ ସନ୍ଧିପଡାଠାରେ ପଞ୍ଚାୟତର ନୂଆ ଗୃହ ନିର୍ମାଣ କରାଯାଉଛି। ଉକ୍ତ ସ୍ଥାନ ପଞ୍ଚାୟତବାସୀଙ୍କ ପାଇଁ ଅଧିକ ବାଟ ପଡିବ। ବିଶେଷ କରି ବୃଦ୍ଧାବୃଦ୍ଧ, ଦିବ୍ୟାଙ୍ଗଙ୍କୁ ଯିବା ଆସିବାରେ ବିଶେଷ ଅସୁବିଧା ହେବ । ତେଣୁ ପଞ୍ଚାୟତ ଅନ୍ତର୍ଗତ କୌଣସି ମଧ୍ୟବର୍ତ୍ତୀ ସ୍ଥାନରେ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଗଲେ ସମସ୍ତଙ୍କ ପାଇଁ ସୁବିଧା ହେବ ବୋଲି ବିଡିଓଙ୍କୁ ପ୍ରଦତ୍ତ ସ୍ମାରକପତ୍ରରେ ଦର୍ଶାଯାଉଛି । ଏହାର ତଦନ୍ତ କରାଯାଇ ସମସ୍ୟାର ସମାଧାନ କରାଯିବ ବୋଲି ବିଡିଓ କହିଛନ୍ତି । ସ୍ମାରକପତ୍ର ପ୍ରଦାନ ସମୟରେ ଆହ୍ଲାଦିନୀ ସାହୁ, ସେବତୀ ଜାନୀ, ଜସ୍ମିନ ଭୋଇ, ଦିଲ୍ଲୀପ ଭୋଇ, ଦିଲେଶ୍ୱର ସାହୁ, ନିଶ୍ଚଳ ଯାନୀ, ବିଜନ ଯାନୀ, ରାମାମଣୀ ଛୁରା, ଅନୁସୟା ଭୋଇ, ଜଗନ୍ନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

ଗଣମାଧମ ପ୍ରତିନିଧିଙ୍କୁ ମରଣାନ୍ତକ ଆକ୍ରମଣ ଘଟଣା

# ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ ଦାବି

**ବଲାଙ୍ଗୀର ଅଫିସ, ୧୬।୩**

ଖବର ସଂଗ୍ରହ କରିବାକୁ ଯାଇଥିବା ବୈଦ୍ୟୁତିକ ଗଣମାଧମ ପ୍ରତିନିଧି ଚନ୍ଦ୍ରଭାନୁ ମୋଲାଣା ଓ କ୍ୟାମେରାମେନ୍ ଅମରଜିତ୍ ବେହେରାଙ୍କୁ ଗୁରୁବାର ବିଷ୍ଣୁମୁଣ୍ଡାଠାରେ କିଛି ଯୁବକ ନିସ୍ଥୁକ ମାଡ ମାରିଥିଲେ । ସେମାନଙ୍କ ଆକ୍ରମଣରେ ଆହତ ମୋଲାଣାଙ୍କୁ ସରକାରୀ ମେଡିକାଲ କଲେଜ ହସପିଟାଲରେ ଭର୍ତ୍ତି କରାଯାଇଥିଲା । ଏ ନେଇ ଟାଉନ୍ ଥାନାରେ ଅଭିଯୋଗ କରାଯାଇଥିଲା। ଏହି ଘଟଣାରେ ପୋଲିସ ମନୋଜ ନାଏକ ନାମକ ଜଣେ ଯୁବକଙ୍କୁ ଗିରଫ କରିଛି । ଅନ୍ୟ ଦୁଇ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସୁରଜ ପଟେଲ ଓ ଅନୀଲ ପଟେଲ ଫେରାର ଅଛନ୍ତି। ଘଟଣାର ୭୨ଘଣ୍ଟା ପରେ ମଧ ପୋଲିସ ଏହି ଦୁଇ ଫେରାର ଅଭିଯୁକ୍ତଙ୍କୁ ଗିରଫ କରି ପାରିନାହିଁ। ଫେରାର ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ନେଇ ଜିଲା ସାମ୍ବାଦିକ ସଂଘର ଏକ ଟିମ୍ ଏସପିଙ୍କୁ ସାକ୍ଷାତ କରି କରିଥିଲେ । ଖୁବଶୀଘ୍ର ଗିରଫ କରାଯିବ ବୋଲି ଏସପି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ । ତେବେ ଧାର୍ଯ୍ୟ ସମୟ ମଧରେ ଦୁଇ ମୁଖ୍ୟ ଅଭିଯୁକ୍ତ ଗିରଫ ନ ହେବାରୁ ଜିଲା ସାମ୍ବାଦିକ ସଂଘ ଶନିବାର ଏକ ଜରୁରୀ ବୈଠକ ଡାକିଥିଲା । ସଂଘ ସଭାପତି ହରି ନାରାୟଣ ପୂଜାରୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭିଯୁକ୍ତ ଗିରଫ କରିବାରେ ପୋଲିସର ବିଫଳତାକୁ ନେଇ ଆଲୋଚନା କରାଯାଇଥିଲା । ଫେରାର ଦୁଇ ଅଭିଯୁକ୍ତଙ୍କ ପରିବାର ସଦସ୍ୟ ପୋଲିସ ବିଭାଗରେ ଚାକିରୀ କରୁଥିବାରୁ ସେମାନଙ୍କୁ ଅନୁକମ୍ପା ଦେଖାଯାଉଥିବା ନେଇ ବହୁ ସଦସ୍ୟ ମତପ୍ରକାଶ କରିଥିଲେ। ବୈଠକରେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ମାଡ ମାରିଥିବା ଦୁର୍ବୃତ୍ତଙ୍କୁ ଶୀଘ୍ର ଗିରଫ କରିବାକୁ ଏସପିଙ୍କୁ ମହଲତ ଦେବାକୁ ନିଷ୍ପତ୍ତି ହୋଇଥିଲା । ଆଲୋଚନା ପରେ ସଂଘ ସଭାପତି ପୂଜାରୀ ଏସପି କେ.ଶିବା ସୁବ୍ରମଣିଙ୍କ ସହ ଘଟଣାକୁ ନେଇ ଫୋନ୍‌ରେ ଆଲୋଚନା କରିଥିଲେ । ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ନେଇ ସେ ପଦକ୍ଷେପ ନେଉଛନ୍ତି ବୋଲି କହିଥିଲେ । ତେବେ ଘଟଣାର ଗୁରୁତ୍ୱକୁ ଉପଲବ୍ଧ କରି ଓ ପୋଲିସର ଅବହେଳାକୁ ନେଇ ପୋଲିସ ଡିଜିଙ୍କୁ ଘଟଣା ସମ୍ପର୍କରେ ଅବଗତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା ।

# ଅସାହା ଆଈ ନାତିକୁ ଥଇଥାନ କରାଗଲା

**ଲାଠୋର, ୧୬।୩ (ଡି.ଏନ.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଁଚେତ୍ ଚାଉଲଡ଼ିଆ ଗାଁର ବୁରୁଧି ବିଧବା ମହିଲା ଆର ତାକର ନାତିକେ ଉଧାର କରାଯାଇ ଥଇଥାନ କରାଯାଇଛେ। ଇ ବାବ୍‌ଦେ ସାମାଜିକ କରମୀ ଅରୁନ କୁମାର ଖୁଆସ ସୂଚନା ଦେଇଛନ୍। ପୂବର ସୂଚନା ହିସାବେ ୭୦ ବଛରିଆ ବିଧବା ମହିଲା ପ୍ରେମ କୁମ୍ଭାର, ପୁଓ କାହ୍ନା କୁମ୍ଭାର(୨୭), ବହୁ ଗାୟତ୍ରୀ କୁମ୍ଭାର(୨୫) ଆର ନାତି ମହେଶ(୫)କେ ନେଇ ତାକର ପରିବାର। ପରିବାରଟା ନିହାତି ଗରିବ୍ ଆର ଅଭାବ ଅନାଟନରେ ଚଲୁଥିଲାବେଳେ କୁଟୁମବସିଆ ପ୍ରେମ କୁମ୍ଭାରକୁଁ ଘରେ ଛାଡ଼ି ଆନ୍ଧ୍ରପ୍ରଦେଶ ଦାଦନ ଖଟି ଯାଇଥିଲେ। ସେଠାନେ ବିଦ୍ୟୁତ ଆଘାତ୍‌ରେ କାହ୍ନାର ମୁରତୁ ହେଇଥିଲା। ଏନ୍‌ତାଥି କାହ୍ନା କାମ୍‌କରୁଥିବାର ମାଲିକ ପରିବାରର ଥଇଥାନ ବେବସ୍ତା ନାଇଁକଲାରୁ ପରିବାରଟା ଅସାହା ହେଇଯାଇଥିଲେ। ସୁଧିକାୟ୍ ସଏଲାରୁ ଗାୟତ୍ରୀ ପୁଓ ମହେଶ ଆର ବିଧବା ଶାଶ୍‌କେ ଛାଡ଼ି ନିଜର ବାପ୍ ଘରକେ ପଲେଇଥିଲେ। ଯେନ୍‌ଥିରେ ବୁରୁଧି ପ୍ରେମ କୁମ୍ଭାର ଆର ୫ ବଛରିଆ ନାତି ମହେଶ ଅସାହା ହେଇଯାଇଥିଲେ। ଇ ବାବ୍‌ଦେ ଧରିତ୍ରୀ ସମ୍ବଲପୁର ସଂସ୍କରଣରେ 'ଅଧାରର ଆଇର ହାତେ ନାତିର ଭବିଷତ୍' ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଲକ୍ଷ୍ମୀ ସିଂ ଆର ଜିଲା ସମାଜ ସୁରକ୍ଷା ଅଧିକାରୀ ଖୀରୋଦ୍ର ତ୍ରିପାଠୀକଁର ନିରଦେଶରେ ସାମାଜିକ କରମୀ ଅରୁଣ ଖୁଆସ ଚାଉଲଡ଼ିଆ ଗାଁରେ ପୁହୁଁଚିଥିଲେ। ସେ ଅଙ୍ଗନୱାଡି କରମୀ ରାଜକୁମାରୀ କଲେତ, ଆଶା କରମୀ ବନିତା ଭୋଇ, ୱାର୍ଡ ମେମର କଇଁ ଭୋଇ ଆର ଗାଁବାସୀକୁ ନେଇ ଗୁଟେ ବଇଠକ୍ କରିଥିଲେ। ବଇଠକ୍‌ରେ ସାମାଜିକ କରମୀ ଉଭଏ ଆଇ ନାତିକୁ ସରକାରୀ ହିସାବେ ଥଇଥାନ କରାଯିବା ବଲି ଗଁବାସୀକୁ କହିଥିଲେ। ପରେ ଆଇ ନାତିକୁ ନେଇ ଜରାସିଂହା ପାସର ସାଲେପାଲି ଗାଁରେ ଥିବାର ଜରାଶ୍ରମରେ ପ୍ରେମ କୁମ୍ଭାରକୁଁ ଆର ମହେଶକେ ଶିଶୁ ଗୃହ ଗ୍ରାମ ମଙ୍ଗଳ ପାଠାଗାର ସାଲେପାଲିରେ ଥଇଥାନ କରାଯାଇଥିବାର ଅରୁନ କୁମାର ଖୁଆସ ସୂଚନା ଦେଇଛନ୍।



ଅସାହା ଆଈ ନାତିକୁ ଥଇଥାନ ଲାଗି ନିଆଯାଉଛେ ।

**ଧରିତ୍ରୀ ପ୍ରଭାବ**

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୧୭ ମାର୍ଚ୍ଚ, ୨୦୧୯



ଧନ ସଂଗ୍ରହ କରିବାର ପ୍ରତିଯୋଗିତା ଜୀବନର ଧର୍ମ ହେବା ଉଚିତ ନୁହେଁ। ସମସ୍ତଙ୍କ ମଙ୍ଗଳ ପାଇଁ ସହଯୋଗ ହେଉଛି ଜୀବନର ଧର୍ମ।
- ଜବାହରଲାଲ ନେହେରୁ



## ସଂକ୍ଷେପରେ



### ପାଇକମାଳରେ ଶ୍ୟାମ ପଦଯାତ୍ରା

ପାଇକମାଳ,୧୬।୩ (ଡି.ଏନ.ଏ)- ବରଗଡ଼ ଜିଲା ପାଇକମାଳ ଶ୍ୟାମ ପରିବାର ଓ ମାରୱାଡି ଯୁବା ମଞ୍ଚ ତରଫରୁ ଶ୍ୟାମ ପଦଯାତ୍ରା ଶିବ ମନ୍ଦିରଠାରୁ ରାଧାକୃଷ୍ଣ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଶତାଧିକ ମହିଳା ପୁରୁଷ ଝଣ୍ଡା ଧରି ପଦଯାତ୍ରା କରିଥିଲେ । ପଦଯାତ୍ରା ଶେଷ ହେବା ପରେ ୧୦୦ଟି ଝଣ୍ଡାକୁ ବରଗଡ ପଠାଯାଇଥିଲା । ରବିବାର ବରଗଡରୁ ଭଟଲି ଶ୍ୟାମ ମନ୍ଦିରକୁ ଏହି ଝଣ୍ଡା ଧରି ପୁଣି ପଦଯାତ୍ରା କରାଯିବ ବୋଲି ସନ୍ତୋଷ ଅଗ୍ରୱାଲ କହିଛନ୍ତି । ପଦଯାତ୍ରାରେ ନରେଶ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ନୀଲେଶ ଅଗ୍ରୱାଲ, ସବିତା ଜିନ୍ଦଲ, ପ୍ରିୟଙ୍କା ଅଗ୍ରୱାଲ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ଅବାଧ, ନିରପେକ୍ଷ ନିର୍ବାଚନକୁ ଗୁରୁତ୍ୱ

ବରଗଡ଼ ଅଫିସ୍,୧୬।୩

ସାଧାରଣ ନିର୍ବାଚନକୁ ଆଉ ମାତ୍ର ମାସେ ବାକି ଅଛି । ଏଥିପାଇଁ ଉଭୟ ରାଜନୈତିକ ଓ ପ୍ରଶାସନିକ ତତ୍ପରତା ଦେଖାଯାଇଛି । ରାଜନେତାମାନେ ଯେଭଳି ନିଜ ସପକ୍ଷରେ ଭୋଟ୍ ହାତେଇବା ପାଇଁ ସହରରୁ ଗାଁ ମୁହାଁ ହୋଇଛନ୍ତି, ଅନୁରୂପ ଭାବେ ଅବାଧ ଓ ନିରପେକ୍ଷ ଭାବେ ନିର୍ବାଚନ ସାରିବା ପାଇଁ ତୁହାକୁ ତୁହା ପ୍ରଶାସନିକ ବୈଠକ ମଧ୍ୟ ବସୁଛି । ଶନିବାର ବରଗଡ଼ ଜିଲାପାଳ ଅଫିସ ପରିସର ସମ୍ମିଳନୀ କକ୍ଷରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧିଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏକ ବୈଠକ ହୋଇଥିଲା ।



ବୈଠକରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀମାନେ ।

ବରଗଡ଼ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀ ବୈଠକରେ ଅଧ୍ୟକ୍ଷତା କରି ନିରପେକ୍ଷ, ନିରାପଦ ତଥା ଶୃଙ୍ଖଳିତ ଭାବେ ନିର୍ବାଚନ ସମାପନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ନିର୍ବାଚନ ପାଇଁ ରହିଥିବା ଆଚରଣ ସଂହିତା ଉପରେ ଜିଲାପାଳ ତ୍ରିପାଠୀ ବିସ୍ତୃତ ଭାବେ ସୂଚନା ଦେଇଥିଲେ । ନିର୍ବାଚନକୁ ନେଇ ବ୍ୟକ୍ତିଗତ କୁତ୍ସାରଟନା, ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ମଦ, ଟଙ୍କା ବାଣ୍ଟିବା ଆଦିରୁ କ୍ଷାନ୍ତ ରହିବା ସହିତ ସଭା, ସମିତି, ହେଲିପ୍ୟାଡ୍ ପାଇଁ ପ୍ରଶାସନଠାରୁ ପୂର୍ବରୁ ଅନୁମତି ନେବାକୁ ପରାମର୍ଶ ଦେଇଥିଲେ ।

ବରଗଡ଼ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧୀନରେ ପଦ୍ମପୁର, ବିଜେପୁର, ବରଗଡ଼, ଅତାବିରା, ଭଟଲି, ଝାରସୁଗୁଡ଼ା ଓ ବ୍ରଜରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ରହିଛି ବୋଲି ସେ ସୂଚନା ଦେଇଥିଲେ । ଏହି ଲୋକସଭା ନିର୍ବାଚନ ମଣ୍ଡଳୀରେ ସମୁଦାୟ ୧୫ଲକ୍ଷ ୫୦ହଜାର ୨୦୦ ଭୋଟର ରହିଥିବା ଜିଲାପାଳ କହିଥିଲେ । ସେଥିମଧ୍ୟରୁ ପଦ୍ମପୁରରେ ୩୧୯ବୁଥ୍ ପାଇଁ ୨ଲକ୍ଷ ୪୮ହଜାର ୭୯୫, ବିଜେପୁରରେ ୨୮୫ ବୁଥ୍ ପାଇଁ ୨ଲକ୍ଷ ୨୫ହଜାର ୫୬୭, ବରଗଡ଼ରେ ୨୩୧ବୁଥ୍ ପାଇଁ ୨ଲକ୍ଷ ୧୬ହଜାର ୩୫୮, ଅତାବିରାରେ ୨୫୨ବୁଥ୍ ପାଇଁ ୨ଲକ୍ଷ ୧୫ହଜାର ୪୮୦, ଭଟଲିରେ ୨୯୧ ବୁଥ୍ ପାଇଁ ୨ଲକ୍ଷ ୨୩ହଜାର ୧୨୬, ବ୍ରଜରାଜନଗରରେ ୨୫୭ ବୁଥ୍ ପାଇଁ ୨ଲକ୍ଷ ୪ହଜାର ୨୧୯ ଏବଂ ଝାରସୁଗୁଡ଼ାରେ ୨୫୩ବୁଥ୍ ପାଇଁ ୨ଲକ୍ଷ ୧୬ହଜାର ୬୫୫ ଭୋଟର ରହିଥିବା ସେ ସୂଚନା ଦେଇଥିଲେ। ସମୁଦାୟ ଭୋଟରଙ୍କ ମଧ୍ୟରୁ ୯୮.୪୮ ପ୍ରତିଶତ ଭୋଟରଙ୍କ ପାଖରେ ଭୋଟର ପରିଚୟ ପତ୍ର ରହିଛି । ଯେଉଁମାନଙ୍କ ପାଖରେ ଭୋଟର ପରିଚୟପତ୍ର ନାହିଁ ଏବଂ ସେମାନଙ୍କ ନାମ ଭୋଟର ତାଲିକାରେ ଉଲ୍ଲେଖ ଥିବ, ସେମାନେ ଅନ୍ୟ ନିର୍ଦ୍ଧାରିତ ପରିଚୟ ପ୍ରମାଣପତ୍ର ଦେଖାଇ ମତଦାନ କରି ପାରିବେ ବୋଲି ଜିଲାପାଳ କହିଥିଲେ। ମତଦାନ ପାଇଁ ଭିଭିପାଟ୍, ଇଭିଏମ ମଧ୍ୟ ପ୍ରସ୍ତୁତ ହୋଇ ରହିଥିବା ସେ ସୂଚନା ଦେଇଥିଲେ ।

ବରଗଡ଼ ଏସ୍‌ପି ମୁକେଶ କୁମାର ଭାମୁ ନିର୍ବାଚନକୁ ସୁରକ୍ଷିତ ଓ ଶୃଙ୍ଖଳିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ଉପରେ ସୂଚନା ଦେଇଥିଲେ । ସାଧାରଣ ଘଟଣାକୁ ବଡ଼ ପ୍ରସଙ୍ଗ ନ କରି ନିଜ ମଧ୍ୟରେ ଆପୋଷ ସମାଧାନ କରିବାକୁ ସେ ପରାମର୍ଶ ଦେବା ସହିତ ଅବାଧ, ନିରପେକ୍ଷ ନିର୍ବାଚନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ସେହିପରି ନିର୍ବାଚନ ଆଚରଣ ସଂହିତାକୁ ଠିକ୍ ଭାବେ ମାନିବାକୁ ଏସ୍‌ପି ପରାମର୍ଶ ଦେଇଥିଲେ। କୌଣସି ଅପରାଧ ସମ୍ପର୍କରେ ସୂଚନା ପାଇଲେ ସ୍ଥାନୀୟ ପୋଲିସକୁ ସଠିକ୍ ସୂଚନା ଦେବାକୁ ମଧ୍ୟ ସେ ଅନୁରୋଧ କରିଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ତପିରାମ ମାଝି, ବରଗଡ଼ ଉପଜିଲାପାଳ ଦେବେନ୍ଦ୍ର କୁମାର ନନ୍ଦ, ପଦ୍ମପୁର ଉପଜିଲାପାଳ ତନ୍ମୟ କୁମାର ଦରୱାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶ ଉପସ୍ଥିତ ଥିଲେ । ସେହିପରି ରାଜନୈତିକ ଦଳ ଗୁଡ଼ିକ ମଧ୍ୟରୁ ଆପ୍‌ରୁ ଅମିତାଭ ପାତ୍ର, ଭବାନୀ ପ୍ରସାଦ ସାହୁ, ଭାଜପାରୁ ଡା. ଅରୂପାନନ୍ଦ ସାହୁ, କଂଗ୍ରେସରୁ ଯୁଗଳ ପ୍ରସାଦ ସିଂ, ବିଜେଡିରୁ ପଦ୍ମଲୋଚନ ମଲ୍ଲିକ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ ।

## ଭାରସାମ୍ୟ ହରାଇ ବାଇକ ଦୁର୍ଘଟଣା: ଆରୋହୀ ଗୁରୁତର

ବେଦବ୍ୟାସ, ୧୬।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ବେଲଡିହିଛକରେ ଶନିବାର ରାତି ସାଢ଼େ ୯ଟା ବେଳେ ଦୁର୍ଘଟଣା ଘଟିଛି। ରାଉରକେଲା ପାର୍ଶ୍ୱରୁ କାଂଶବାହାଲ ପାର୍ଶ୍ୱକୁ ଯାଉଥିବା ଏକ ହିରୋହୋଣ୍ଡା ବାଇକ ନଂ. ଓଡି ୧୪ କେ- ୧୨୦୫ ଭାରସାମ୍ୟ ହରାଇ ପଡିବାରୁ ବାଇକ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ବ୍ୟକ୍ତିଙ୍କ ନାମ ଜଣାପଡି ନାହିଁ। ପୋଲିସ ସୂତ୍ରରୁ ପ୍ରକାଶ ରାଉରକେଲା ପାର୍ଶ୍ୱରୁ କାଂଶବାହାଲ ପାର୍ଶ୍ୱକୁ ଯାଉଥିବା ବାଇକ ବେଲଡିହି ଛକରେ ଜଣେ ପଥଚାରୀ ରାସ୍ତା ପାରି କରୁଥିବା ସମୟରେ ଜାଣି ନ ପାରି ଭାରସାମ୍ୟ ହରାଇ ଘଟଣାସ୍ଥଳରେ ପଡିଯାଇଥିଲେ ଓ ତାଙ୍କର ଚିତ୍କାର ଶୁଣି ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ସ୍ଥାନୀୟ ପୋଲିସକୁ ଖବର କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଆରଜିଏଚକୁ ନେଇ ଭର୍ତ୍ତି କରିଥିବା ପ୍ରକାଶ । ପୋଲିସ ବାଇକକୁ ଜବତ କରିଛି ।



ସମ୍ବର୍ଦ୍ଧନା ସମାରୋହରେ ବିକାଶ କର୍ତ୍ତୃପକ୍ଷଙ୍କ ଗହଣରେ ଛାତ୍ରୀଛାତ୍ର।

# ଛାତ୍ର ସମାଜ କଲେଜର ଦୃଢ଼ ଭିତ୍ତିଭୂମି

**ବିକାଶରେ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସମାରୋହ**

ବରଗଡ଼ ଅଫିସ୍,୧୬।୩

ବରଗଡ଼ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଓ ବିକାଶ ପଲିଟେକ୍ନିକ୍‌ରେ ଅନ୍ତିମବର୍ଷ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବିକାଶ ପଲିଟେକ୍ନିକ୍‌ର ଛାତ୍ରୀ ଡି. ସିରିଷା ଓ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଛାତ୍ରୀ ଅଙ୍କିତା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ । ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ଅଧ୍ୟକ୍ଷ ଅଜୟ କୁମାର ମହାପାତ୍ର ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି ଆସନ୍ତା ପରୀକ୍ଷା ପାଇଁ ଶୁଭେଚ୍ଛା ଜଣାଇଥିଲେ। ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲିକ୍ରୀଷ୍ଣା ତାଙ୍କ ଅଭିଭାଷଣରେ ଛାତ୍ରୀଛାତ୍ରଙ୍କ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଜୁନିୟର ଛାତ୍ରୀଛାତ୍ରମାନେ ସିନିୟର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ କରିଥିବା ସୁବ୍ୟବସ୍ଥାକୁ ଦେଖି ପରସ୍ପର ମଧ୍ୟରେ ରହିଥିବା ଉତ୍ତମ ସମ୍ପର୍କକୁ ପ୍ରଶଂସା କରିଥିଲେ। ଉଭୟ ପଲିଟେକ୍ନିକ୍ ଏବଂ ବି-ଟେକ୍ ପାଠ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ସେ ଅଭିନନ୍ଦନ ଜଣାଇଥିଲେ । ବିକାଶ ଗ୍ରୁପ୍‌ର ଡାଇରେକ୍ଟର (ଆଡ଼ମିନିଷ୍ଟ୍ରେଶନ) ଡି. ନାଗେଶ୍ୱର ରାଓ ଛାତ୍ର ସମାଜ ହିଁ ବିକାଶ କଲେଜର ଦୃଢ଼ ଭିତ୍ତିଭୂମି ବୋଲି ମତପ୍ରକାଶ କରିବା ସହିତ ଏକ ସଫଳ ଭବିଷ୍ୟତ ଗଢ଼ି ତୋଳିବା ପାଇଁ ଆନ୍ତରିକ ଶୁଭେଚ୍ଛା ଜ୍ଞାପନ କରିଥିଲେ । ବିକାଶ ଗ୍ରୁପ୍‌ର ମ୍ୟାନେଜିଂ ଡାଇରେକ୍ଟର ଜି.ଭାସ୍କର ରାଓ ଛାତ୍ରୀଛାତ୍ରଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ବିକାଶ ଗ୍ରୁପ୍‌ର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କ୍ୟାମ୍ପସରେ ଉତ୍ତମ ବ୍ୟବହାର ଯୋଗୁ ଛାତ୍ରୀଛାତ୍ରଙ୍କ ପ୍ରଶଂସା କରିଥିଲେ । ସେହିପରି ପାଠପଢ଼ା ଏବଂ ଆନୁସଙ୍ଗିକ କାର୍ଯ୍ୟକଳାପରେ ଜଡ଼ିତ ହେବା ଉଚିତ ବୋଲି ଛାତ୍ରୀଛାତ୍ରଙ୍କୁ ସେ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ପ୍ରତିଶ୍ରୁତିବଦ୍ଧ । ବିକାଶ ପରିସରରେ କଟାଇଥିବା ସମସ୍ତ ସ୍ମୃତିକୁ ସତେଜ ରଖିବା ପାଇଁ ଛାତ୍ରୀଛାତ୍ରଙ୍କ ପ୍ରଚେଷ୍ଟାରେ ଏକ ଫଟୋ ଗ୍ୟାଲେରୀ ପ୍ରସ୍ତୁତ କରିବାକୁ ସେ ପରାମର୍ଶ ଦେଇଥିଲେ । ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜୁନିୟର ଛାତ୍ରୀଛାତ୍ରମାନେ ସିନିୟର ଛାତ୍ରୀଛାତ୍ରଙ୍କୁ ଗୋଲାପ ଫୁଲ ସହିତ ଉପହାର ଦେଇଥିଲେ । ବିକାଶ ଗ୍ରୁପ୍ ଅଫ ବିଜିନେସ ମ୍ୟାନେଜମେଣ୍ଟର ଅଧ୍ୟକ୍ଷ ଡଃ କ୍ଷୀରୋଦ କୁମାର ପ୍ରଧାନ, ବିକାଶ ଗ୍ରୁପ୍‌ର ମ୍ୟାନେଜର(ଏଚ୍‌ଆର୍) ଓ ଆଇନ ପରାମର୍ଶଦାତା ପି. କେ ଦାଶ, ବିକାଶ ଡିଗ୍ରୀ କଲେଜର ଉପାଧ୍ୟକ୍ଷା ପୁଷ୍ପିତା ପଣ୍ଡା, ବିକାଶ ସ୍କୁଲ ଅଫ ବିଜିନେସ ମ୍ୟାନେଜମେଣ୍ଟର ଆଡ଼ମିନିଷ୍ଟ୍ରେଟର ଆର.ଏସ.ଭି କ୍ରୀଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମୁରାରୀ ପ୍ରସାଦ ସାହୁ, ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ସିନିୟର ସେକେଣ୍ଡାରୀ) ଚିତ୍ତରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଆଡ଼ମିନିଷ୍ଟ୍ରେଟିଭ ଅଫିସର ଏସ. କାନ୍ତାରାଓ ପ୍ରମୁଖ ମଞ୍ଚାସୀନ ଥିଲେ। ଯଆଡ଼ମିନିଷ୍ଟ୍ରେଟର ଇଂ ପୂର୍ଣ୍ଣେନ୍ଦୁ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ରୀ ଶ୍ରାବଣୀ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ ।

### ହଡ଼ିଗୁଡ଼ି କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଫାଇନାଲରେ ସମ୍ବଲପୁରର ପ୍ରବେଶ

ପାଇକମାଳ,୧୬।୩ (ଡି.ଏନ.ଏ)

ପାଇକମାଳ ଏମ୍‌ଇ ସ୍କୁଲ ଖେଳ ପଡିଆଠାରେ ସର୍ବଭାରତୀୟ ୨୪ତମ ହଡିଗୁଡି କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସରେ କୁଚିଣ୍ଡାକୁ ହରାଇ ସମ୍ବଲପୁର ଦଳ ଫାଇନାଲରେ ପ୍ରବେଶ କରିଛି । ପ୍ରଥମେ ସମ୍ବଲପୁର ଦଳ କୁଚିଣ୍ଡାକୁ ୨-୧ରେ ହରାଇଥିଲା । ସମ୍ବଲପୁର ଦଳର ପ୍ରଶାନ୍ତ ଓରାମ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ତୃତୀୟ କ୍ୱାର୍ଟର ଫାଇନାଲ ଦେବଗଡ ଓ ବେଲପାହାଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଦେବଗଡ ଟାଇବ୍ରେକର ଜରିଆରେ ୩-୦ ଗୋଲରେ ବିଜୟୀ ହୋଇଥିଲା । ଲଳିତ ପେଠାଇ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଚତୁର୍ଥ କ୍ୱାର୍ଟର ଫାଇନାଲ ବୌଦ୍ଧ ମହିନ୍ଦ୍ରା ମହିନ୍ଦ୍ରା ଓ ପାଇକମାଳ ନରସିଂହ ସ୍ପୋର୍ଟିଂ



ଅତିଥିମାନଙ୍କ ଗହଣରେ ବିଜୟୀ ଦଳର ଖେଳାଳିମାନେ ।

ମଧରେ ଅନୁଷ୍ଠିତ ହୋଇ ବୌଦ୍ଧ ୨।-୧ ଗୋଲରେ ବିଜୟୀ ହୋଇଥିଲା । ମ୍ୟାନ ଅଫ ଦି ମ୍ୟାଚ ଭାବେ ପ୍ରମୋଦଙ୍କୁ ପୁରସ୍କୃତ କରାଯାଇଥିଲା। ପାଇକମାଳ ଏମ୍‌ଇ ସ୍କୁଲ ଶିକ୍ଷକ ସୁଶାନ୍ତ ସାହୁ, ପଟି ନାରାୟଣ ନାୟକ, ରାଜେନ୍ଦ୍ର ରାଉତ, ଭୋଜରାଜ ରାଉତ, ପୂର୍ବତନ ଫୁଟବଲ ଖେଳାଳି କୁସୁମ ରାଓ, ପ୍ରଫୁଲ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅରୁଣ ଭୋଇ ସୁଧାଂଶୁ ସେଠ, ନୀଳ ନାୟକ, ଅଶ୍ୱିନୀ ବେରିଆ ଖେଳ ପରିଚାଳନା କରିଥିବା ବେଳେ ସୁଶାନ୍ତ ପାଣିଗ୍ରାହୀ, ଦିଲୁ ପଧାନ ଧାରା ବିବରଣୀ ପ୍ରଦାନ କରିଥିଲେ । ଗୋବିନ୍ଦ ସାହୁ, ବୁଲୁ ନାୟକ ସ୍କୋରର ଏବଂ ମିଲନ ସେଠ, ବବୁଲ ସାହୁ, ଦୀପେଶ ଭୋଇ, ଆକାଶ ମାହାର, ବିକାଶ ଦଣ୍ଡସନା, ଗଙ୍ଗା ମାହାର ସହଯୋଗ କରିଥିଲେ । ରବିବାର ଦ୍ୱିତୀୟ ସେମି ଫାଇନାଲ ଦେବଗଡ ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟିର ସୁକାନ୍ତ ବାରିକ ଜଣାଇଛନ୍ତି ।

## କିଡ୍‌ନୀ ରୋଗୀଙ୍କ ମୃତ୍ୟୁ

ପୁରୁଣାକଟକ,୧୬।୩(ଡି.ଏନ.ଏ)

ହରଭଙ୍ଗା ବ୍ଲକ ଅଫିସର ଅସ୍ଥାୟୀ ରାତ୍ର ଜଗୁଆଳି ଭାବେ କାର୍ଯ୍ୟରତ ଥିବା ଠିକିଯୋର ଗ୍ରାମର ତପନ ନାଏକ(୪୦) ଶନିବାର ଅପରାହ୍ନରେ କିଡ୍‌ନୀ ଜନିତ ରୋଗରେ ମୃତ୍ୟୁବରଣ କରିଛନ୍ତି । ତପନ ଦୀର୍ଘ ଦେଢ଼ ବର୍ଷ ହେଲା କିଡ୍‌ନୀ ରୋଗରେ ଆକ୍ରାନ୍ତ ଥିଲେ । ଆର୍ଥାଭାବରୁ ଉପଯୁକ୍ତ ଚିକିତ୍ସାରୁ ବଞ୍ଚିତ ହେବାରୁ ଶେଷରେ କଟକ ବଡମେଡିକାଲରୁ ଗତ କିଛିଦିନ ତଳେ ଘରକୁ ଫେରିଆସିଥିଲେ। ଘରେ ତାଙ୍କର ମୃତ୍ୟୁ ଘଟିଛି । ଘରର ଏକମାତ୍ର ରୋଜଗାରକ୍ଷମ ତପନଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ, ୩ ପୁଅ ଏବଂ ରୋଗିଣା ମା' ମର୍ମାହତ ହୋଇପଡିଛନ୍ତି । ତୁରନ୍ତ ମୃତକଙ୍କ ପରିବାରକୁ ଆର୍ଥିକ ସହାୟତା ଯୋଗାଇବାକୁ ଦାବି ହେଉଛି ।



ଭାଜପାର ସଂକଳ୍ପ ଅଭିଯାନ ଚାଲିଛି ।

## ଭାଜପାର ସଂକଳ୍ପ ଅଭିଯାନ

ଜାମଟିକ୍ରା, ୧୬।୩ (ଡି.ଏନ.ଏ)

ଅତାବିରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଖୁଣ୍ଟୁଲିପାଲି ବଜାର ପ୍ରାଙ୍ଗଣରେ ଗତ ଶୁକ୍ରବାର ଭାଜପା ପକ୍ଷରୁ ସଂକଳ୍ପ ଅଭିଯାନ କରାଯାଇଛି । ଏଥିରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମିଳନ ସେଠ, ଅଭିଯାନ ପ୍ରଭାରୀ ବିପିନ ଭୋସାଗର, କୁଶ କୁମ୍ଭାର, ସୁଦାମ ଭୋଇ, କେ. ସରସ୍ୱତୀ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ ଲୋକାଭିମୁଖୀ ଯୋଜନା ଉପରେ ଲୋକଙ୍କୁ ସଚେତନ କରିଥିଲେ ଓ ବିଜେଡି ସରକାରଙ୍କ ଉପରେ ବର୍ଷିଥିଲେ ।

# ଟେକ୍‌ଯୁଗ୍-୨୦୧୯ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବରଗଡ଼ ଅଫିସ୍,୧୬।୩

ବରଗଡ଼ ସହର ଉପକଣ୍ଠ ଚକରକେନ୍ଦସ୍ଥିତ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ବୈଷୟିକ ଅନୁଷ୍ଠାନ ସମୂହ କ୍ୟାମ୍ପସରେ ଆଞ୍ଚଳିକସ୍ତରର ବୈଷୟିକ ପ୍ରକଳ୍ପ ତଥା ବିଭିନ୍ନ ପ୍ରତିଯୋଗିତା କାର୍ଯ୍ୟକ୍ରମ ଟେକ୍‌ଯୁଗ୍-୨୦୧୯ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ କଲେଜ ଅଫ୍ ଇଞ୍ଜିନିୟରିଂ, ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଇନଷ୍ଟିଚ୍ୟୁଟ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି, ସରକାରୀ ପଲିଟେକନିକ୍, ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି, ମାଝିପାଲି, ସରକାରୀ ପଲିଟେକ୍ନିକ୍, ରେଙ୍ଗାଲୀ, ବିକାଶ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି, ବରଗଡ଼ର ଛାତ୍ରୀଛାତ୍ର ଭାଗ ନେଇଥିଲେ ।

ବୈଷୟିକ ପ୍ରକଳ୍ପ ପ୍ରତିଯୋଗିତାରେ ପିକେଏଆଇଟିର ଅମିତ କୁମାର ସିଂ ଓ ସହପାଠୀଙ୍କ ଦ୍ୱାରା ନିର୍ମିତ ସ୍ମାର୍ଟ କାର ପ୍ରଥମ, ପିକେଏସିଇର ଛାତ୍ର ବିକ୍ରମ କୁମାର ଷଡ଼ଙ୍ଗୀ ଓ ସହପାଠୀଙ୍କ ନିର୍ମିତ ଡିଜିଟାଲ ଫ୍ଲୋର କ୍ଲିନିଙ୍ଗ ରୋବର୍ଟ ଦ୍ୱିତୀୟ ଏବଂ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

ବିକାଶ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜିର ସୀମା ବଘେଲ ଓ ସହପାଠିନୀଙ୍କ ନିର୍ମିତ ୱାରଗନ ରୋବଟ୍ ଏବଂ ପିକେଏସିଇର ଆଲିଶା ଖେରାନୀ ଓ ସହପାଠୀଙ୍କ ଆଇଓଟି ବେସଡ୍ ଗେରବେଜ୍ ମନିଟରିଂ ସିଷ୍ଟମ ତୃତୀୟ ହୋଇଥିଲ । ପେପର ପ୍ରେଜେଣ୍ଟେଶନ ପ୍ରତିଯୋଗିତାରେ ବି-ଟେକ୍ ବିଭାଗରେ ପିକେଏସିଇର ଛାତ୍ର ସୁଦର୍ଶନ ଦାଶଙ୍କ ମେଗଲେମ ଟ୍ରେନ ଏ ଗିଫ୍ଟ ଅଫ ଇଞ୍ଜିନିୟରିଂ ମେଟେରିଆଲ ଟୁ ମ୍ୟାନକାଇଣ୍ଡ ଓ ଡିପ୍ଲୋମା ବିଭାଗରେ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଦେବୀପ୍ରସାଦ ଦାଶଙ୍କ ଅଫ୍ ରୋଡ୍ ମେଟାଲ ଡିଟେକ୍ଟର ସର୍ବଶ୍ରେଷ୍ଠ ମନୋନିତ ହୋଇଥିଲା । କୁଇଜ ପ୍ରତିଯୋଗିତାରେ ବି-ଟେକ୍ ବିଭାଗରୁ ବିକାଶ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ଛାତ୍ର ଅଜୟ ଏକ୍କା ପ୍ରଥମ, ଲିଜୋଶ କେ. କେ ଦ୍ୱିତୀୟ, ଡିପ୍ଲୋମା ବିଭାଗରେ ପିକେଏଆଇଟିର ଛାତ୍ରୀ ସୁନୟନା ଦାଶ ପ୍ରଥମ ଓ ଆକାଶ ମିଶ୍ର ଦ୍ୱିତୀୟ ପୁରସ୍କାର ଗ୍ରହଣ କରିଥିଲେ । ପୋଷ୍ଟର ମେକିଂ ପ୍ରତିଯୋଗିତାର ଡିପ୍ଲୋମା ବିଭାଗରେ ସରକରୀ ପଲିଟେକ୍ନିକ୍, ରେଙ୍ଗାଲିର ସୁବାଷ ସାହୁ, ବି-ଟେକ୍ ବିଭାଗରେ ପିକେଏସିଇର କେ. ଓସୋ ରାଜା ପୁରସ୍କୃତ ହୋଇଥିଲେ । ଲେନ୍ ଗେମିଙ୍ଗ ପ୍ରତିଯୋଗିତାରେ ବଦ୍ରିପ୍ରସାଦ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିର ମହମ୍ମଦ ଅରବାଜୁର ରହମାନ ଓ ସାଥୀ ପୁରସ୍କୃତ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ କୃତାର୍ଥ ଆଚାର୍ଯ୍ୟ ଅନୁଷ୍ଠାନ ସମୂହ ପରିଚାଳନା ସମିତିର ବରିଷ୍ଠ ସଭ୍ୟ ସର୍ବେଶ୍ୱର ରଥ, ନରସିଂହ ବିଶି, ସମ୍ପାଦକ ତରୁଣ କୁମାର ଷଡ଼ଙ୍ଗୀ, ପିକେଏସିଇର ଅଧ୍ୟକ୍ଷ ଡଃ ଭରତ ଭୂଷଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଇଂ ମନୋଜ କୁମାର ପାଣିଗ୍ରାହୀ, ସୁଜିତ ରଞ୍ଜନ ତ୍ରିପାଠୀ, ଡଃ ଅମ୍ବରୀଶ ପଣ୍ଡା ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଈଶ୍ୱରଧର ବଡ଼ଗୟାନ, ଅମିତ କର, ଅଲପେଶ କୁମାର ଦାଓଡ଼ା, ସୁଭାଶିଷ ନନ୍ଦ, ଶାଶ୍ୱତ ସୁମନ ଶର୍ମା କାର୍ଯ୍ୟକ୍ରମ ପରିଚାଳନା ଏବଂ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ । ଅମିତ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ୟାଙ୍କ ସ୍ଥାନାନ୍ତରକୁ ନେଇ ବଢ଼ୁଛି ଜନଅସନ୍ତୋଷ

ହେମଗିର, ୧୬।୩ (ଡି.ଏନ.ଏ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକର ଲୁଆବାହାଲ ଛକଠାରେ ଲୋକଙ୍କ ବ୍ୟାଙ୍କ କାରବାର ପାଇଁ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏକ ଶାଖା ରହିଛି। ବ୍ୟାଙ୍କ ପ୍ରାୟ ଦଶ ବର୍ଷ ହେବ ସେଠାରେ ରହି ବ୍ୟବସାୟ କରି ଆସୁଛି । ଲୁଆବାହାଲ ଛକକୁ ଲାଗି ବିଲେଇମୁଣ୍ଡ ଛକ ରହିଛି ଓ ସେଠାରେ ମଧ୍ୟ ୟୁନାଇଟେଡ ବ୍ୟାଙ୍କର ଶାଖା ଆଜକୁ ପ୍ରାୟ କୋଡିଏ ବର୍ଷ ହେବ ରହିଆସିଛି। ଏହି ସ୍ଥାନଟି ଓଡିଶା ଛତିଶଗଡ ସୀମାନ୍ତରେ ଅବସ୍ଥାନ କରିଥିବାରୁ ଉଭୟ ବ୍ୟାଙ୍କରେ ଗର୍ଜ୍ଜନଯୋର, ଟପ୍ରିଆ, ମୁଣ୍ଡେଇକ୍ଷେତ, କୁଚେଡେଗା ପଞ୍ଚାୟତର ୪୦ରୁ ୫୦ ଖଣ୍ଡ ଗ୍ରାମର ଲୋକେ ନିର୍ଭର କରନ୍ତି । ଉଭୟ ଛକଟି ସମସ୍ତ ପଞ୍ଚାୟତମାନଙ୍କ କେନ୍ଦ୍ର ସ୍ଥଳରେ ଅବସ୍ଥାନ କରିଥିବାରୁ ସ୍ଥାନଟି ଜନଗହଳି ପୂର୍ଣ୍ଣ ଓ ଏକ ମିନି ଟାଉନସିପ୍ ପରି ରହିଛି । ଏପରି ସ୍ଥଳେ ଉଭୟ ବ୍ୟାଙ୍କ ମଧ୍ୟ ଛକ ମଝିରେ ରହି ଭଲ ବ୍ୟବସାୟ କରୁଥିବା ବେଳେ ଆଖପାଖର ଦୋକାନ ବଜାର ଗୁଡିକର ଦୋକାନୀମାନେ ମଧ୍ୟ ବେଶ ଭଲ ଦୁଇପଇସା ରୋଜଗାର କରୁଛନ୍ତି । ଗତ କିଛିଦିନ ହେବ ଷ୍ଟେଟ ବ୍ୟାଙ୍କଟି ଅନ୍ୟ ସ୍ଥାନକୁ ସ୍ଥାନାନ୍ତରଣ ହେବା ପାଇଁ ପ୍ରସ୍ତୁତି ଚାଲିଥିବା ଖବର ପ୍ରଚାର ହେବା ଫଳରେ ଲୋକଙ୍କ ଭିତରେ ଚହଳ ପଡିଛି । ଏନେଇ ଆଖପାଖ ଗ୍ରାମ ଲୁଆବାହାଲ, ଚକ୍ରା, ବିଲେଇମୁଣ୍ଡା, ଗର୍ଜନଯୋର ତଥା ଅନ୍ୟାନ୍ୟ ବହୁ ଗ୍ରାମବାସୀ ଏହାକୁ ବିରୋଧ କରିବା ସହ ଷ୍ଟେଟବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଆକାରରେ ଜଣାଇଛନ୍ତି । ବ୍ୟାଙ୍କଟି ଯେଉଁ ସ୍ଥାନକୁ ସ୍ଥାନାନ୍ତରଣ ହେବା ପାଇଁ ପ୍ରସ୍ତାବ ନିଆଯାଇଛି ତାହା ଏକ ସୁରକ୍ଷିତ ସ୍ଥାନ ନୁହେଁ ବୋଲି ଲୋକେ ଅଭିଯୋଗ କରୁଛନ୍ତି । ତେଣୁ ବ୍ୟାଙ୍କ କର୍ତ୍ତୃପକ୍ଷ ବ୍ୟାଙ୍କ ସୁରକ୍ଷା ଦୃଷ୍ଟିରୁ ସ୍ଥାନାନ୍ତରଣ ବନ୍ଦ କରିବା ପାଇଁ ଜନସାଧାରଣ ଦାବି କରିଛନ୍ତି ।



ଅଗ୍ନି ଶୁଖିଲା ଘାସକୁ ପୋଡ଼ି ପାଉଁଶ କରିଦେଲା ପରି
ଭଗବାନଙ୍କ ନାମ ସ୍ମରଣ ସକଳ ପାପକୁ ନାଶ କରିଦିଏ।
- ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ପୁରୁଣା ୱାରେଣ୍ଟି ଗିରଫ

**କୋଲାବିରା,୧୬।୩(ଡି.ଏନ୍.ଏ.):** କୋଲାବିରା ଗ୍ରାମ ଗଡଡ଼ପଡ଼ାର ସମବାରୁ ବିଜାର (୪୦)ଙ୍କୁ କୋଲାବିରା ପୋଲିସ ଶନିବାର ଝାରସୁଗୁଡ଼ା ଅଞ୍ଚଳରୁ ଗିରଫ କରି କୋର୍ଟଚାଲାଣ କରିଛି। ସମବାରୁଙ୍କ ନାମରେ ପୂର୍ବରୁ ଅନେକ ମାମଲା ଗଡୁଛି। ୨୦୧୩ରୁ ସେ ଫେରାର ହୋଇଯାଇଥିଲେ। ତେବେ ନିୟମିତ ବ୍ୟବଧାନରେ ସେ ଲୁଚିଛପି ଘରକୁ ଆସୁଥିଲେ। ପୋଲିସ ଅନେକ ଥର ଚଢ଼ାଉ କରିଥିଲେ ମଧ ତାଙ୍କୁ ଗିରଫ କରିପାରୁ ନ ଥିଲା। ଝାରସୁଗୁଡ଼ା ଭୁଲିଆଟିକ୍ରା ଅଞ୍ଚଳରେ ସେ ଜଣେ ବ୍ୟକ୍ତିଙ୍କ ଘରେ ଲୁଚିଥିବା କୌଣସି ସୂତ୍ରରୁ ସୂଚନା ପାଇ ପୋଲିସ ସେଠାରେ ଚଢ଼ାଉ କରିଥିଲା। ଦଫା ୪୫୭/୩୮୦ ବଳରେ ପୂର୍ବରୁ ରୁଜୁ ମମାଲାରେ ସମବାରୁଙ୍କୁ କୋର୍ଟଚାଲାଣ କରାଯାଇଥିବା ପୋଲିସ କହିଛି।

### ମଦ ଜବତ, ଜଣେ ଗିରଫ

**ବ୍ରଜରାଜନଗର,୧୬।୩(ଡି.ଏନ୍.ଏ.)** ରାମପୁର ଫାଣ୍ଡି ଅନ୍ତର୍ଗତ ରାଜାମୋହନ ଛକ ପାଖରୁ ପୋଲିସ ଜଣେ ଚୋରାମଦ ବ୍ୟବସାୟୀଙ୍କୁ ଗିରଫ କରିଛି। ସେ ହେଲେ ବୁନ୍ଦିଆ କଲୋନୀର ସନ୍ତୋଷ ନାଏକ। ବୁନ୍ଦିଆ ୩୭ ପାଉଚ ମଦ ନେଇ ଯାଉଥିବା ସମୟରେ ପୋଲିସ ତାଙ୍କୁ ଗିରଫ କରିଛି। ଏ ନେଇ ବ୍ରଜରାଜନଗର ଥାନାରେ ଏକ ମାମଲା (ନଂ. ୫୬/୧୯) ରୁଜୁ କରାଯାଇ ବୁନ୍ଦିଆଙ୍କୁ କୋର୍ଟଚାଲାଣ କରାଯାଇଛି।

### କୃଷି ଅଧିକାରୀଙ୍କ ପରଲୋକ

**କୋଲାବିରା,୧୬।୩(ଡି.ଏନ୍.ଏ.)** କୃଷି ବିଭାଗ ଅଧିକାରୀ ଓମ୍‌ପ୍ରକାଶ ନାଏକ (୫୪)ଙ୍କର ଶୁକ୍ରବାର ରାତିରେ ପରଲୋକ ଘଟିଛି। ଅସୁସ୍ଥତା କାରଣରୁ ସେ କିଛିଦିନ ହେବ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ସୁନ୍ଦରଗଡ଼ ଜିଲା ଭେଡ଼ାବାହାଲସ୍ଥିତ ତାଙ୍କ ପୈତୃକ ବାସଭବନକୁ ମରଶରୀର ନିଆଯାଇ ସେଠାରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। କୋଲାବିରା ଓ ରଘୁନାଥପାଲି ଅଞ୍ଚଳର ବହୁ ଲୋକ ଭେଡ଼ାବାହାଲରେ ପହଞ୍ଚି ତାଙ୍କ ଶେଷଦର୍ଶନ କରିଛନ୍ତି। ତାଙ୍କ ଦେହାନ୍ତରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସୂଚନାଯୋଗ୍ୟ, ଓମ୍‌ପ୍ରକାଶ ପୂର୍ବରୁ କୋଲାବିରା କୃଷି କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ନିକଟରେ ତାଙ୍କର ଏଠାରୁ ଝାରସୁଗୁଡ଼ା ବଦଳି ହୋଇଥିଲା। ତେବେ ସେ କୋଲାବିରା ରଘୁନାଥପାଲିରେ ଏକ ଘର ଭଡ଼ା ନେଇ ଦୀର୍ଘଦିନ ହେଲା ପରିବାର ସହ ରହୁଥିଲେ।





ରାଜଗାଙ୍ଗପୁର ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଅତିଥି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ।

**ରାଜଗାଙ୍ଗପୁର ସାଂସ୍କୃତିକ ମହୋତ୍ସବ**
**ଝରଝରାର ଦ୍ୱିତୀୟ ସନ୍ଧ୍ୟା**

# ସମ୍ବଲପୁରୀ ନୃତ୍ୟ, ଗୀତରେ ଝୁମିଲେ ଦର୍ଶକ

**ରାଜଗାଙ୍ଗପୁର, ୧୬।୩ (ଡି.ଏନ.ଏ)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁର ସହରର ଫୁଟବଲ ପଡିଆରେ ରାଜଗାଙ୍ଗପୁର ସାଂସ୍କୃତିକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ଶନିବାର ଗହଳି ଥିଲା। ଏହି ଉତ୍ସବରେ ସମ୍ବଲପୁରୀ ନୃତ୍ୟ ଓ ଗୀତରେ ଦର୍ଶକ ଝୁମି ଉଠିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜଗାଙ୍ଗପୁର ବ୍ଲକର ରାଇଙ୍ଗ ସ୍ଥିତ ସରକାରୀ ଡାକ୍ତରଖାନାର ସରକାରୀ ଡା. ମାନସରଞ୍ଜନ ପଣ୍ଡା ଯୋଗଦେଇ ଝରଝରା ଉତ୍ସବ ରାଜଗାଙ୍ଗପୁରରେ ହିନ୍ଦୁ, ମୁସଲିମ, ଶିଖଙ୍କ ମଧ୍ୟରେ ଭାଇଚାରା ସୃଷ୍ଟି କରୁଥିବା କହିଥିଲେ। ଉତ୍ସବରେ ଗଞ୍ଜାମ, ପୁରୀ, ଭୁବନେଶ୍ୱର, ରାଉରକେଲା, କଲିକତା ଭଳି ବିଭିନ୍ନ ଦୂରଦୂରାନ୍ତରୁ ସାଂସ୍କୃତିକ ଦଳ ଆସି କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି ଉତ୍ସବରେ ରାଜଗାଙ୍ଗପୁର ସ୍ଥିତ ଅମ୍ବେଦକର କଲୋନୀର ସମ୍ବଲପୁରୀ ନୃତ୍ୟରେ ଝୁମି ଉଠିଥିଲେ। ଉତ୍ସବ ସ୍ଥଳିରେ ଲାଗିଥିବା ବିଭିନ୍ନ ଷ୍ଟଲରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା । ବିଭିନ୍ନ ସୁସ୍ୱାଦ ଖାଦ୍ୟର ମଜା ନେଇଥିବା ଦେଖାଯାଇଥିଲା । ଉତ୍ସବରେ ସହର ତଥା ସହର ବାହାରର ହଜାର ହଜାର ଦର୍ଶକ ଉପସ୍ଥିତ ଥିବା ବେଳେ କମିଟିର ସଭାପତି ମୋହନଲାଲ ଅଗ୍ରୱାଲ, ଉପାଧ୍ୟକ୍ଷ ଇଫିତକାର ଅହମ୍ମଦ, ସମ୍ପାଦକ ଅଶୋକ ଦାଶ, କୋଷାଧ୍ୟକ୍ଷ ପବନ ଅଗ୍ରୱାଲ, ପୂର୍ବତନ ସଭାପତି ସଞ୍ଜିବ ବେଉରା ପ୍ରମୁଖ ଉପସ୍ଥିତ ଥିଲେ ।

# ଦେଶୀ ବନ୍ଧୁକ ଜବତ, ଜଣେ ଗିରଫ

**କୋଲାବିରା,୧୬।୩(ଡି.ଏନ୍.ଏ.)**



ସୁଦର ଖଡ଼ିଆ।

- ଦୀର୍ଘଦିନରୁ କରୁଥିଲେ ଜନ୍ତୁ ଶିକାର
- ସୁରାକ ଅପେକ୍ଷାରେ ଜଗି ରହିଥିଲା ପୋଲିସ

କୋଲାବିରା ତଥା ଆଖପାଖ ଅଞ୍ଚଳରେ ଜଙ୍ଗଲି ଜନ୍ତୁ ଶିକାର କରି ବ୍ୟବସାୟ କରୁଥିବା ର୍ୟାକେଟର ମୁଖ୍ୟଙ୍କୁ କୋଲାବିରା ପୋଲିସ ଗିରଫ କରିବାରେ ସକ୍ଷମ ହୋଇଛି। ସେ ହେଲେ କୋଲାବିରା ଖଡ଼ିଆପଡ଼ା ଗ୍ରାମର ସୁଦର ଖଡ଼ିଆ (୫୫)। ସୁଦରଙ୍କ ନିକଟରୁ ପୋଲିସ ଏକ ଦେଶୀ ବନ୍ଧୁକ ଜବତ କରିଛି। ଏହି ବନ୍ଧୁକ ଦ୍ୱାରା ସୁଦର ଦୀର୍ଘଦିନ ହେଲା ଜନ୍ତୁ ଶିକାର କରିଆସୁଥିବା ଅଭିଯୋଗ ରହିଥିଲା। ପୋଲିସ ଏବଂ ବନ ବିଭାଗ ତାଙ୍କୁ ଧରିବା ପାଇଁ ଜାଲ ବିଛାଇଥିଲେ ମଧ ସୁଦର ଶିକାର କରି କୌଶଳକ୍ରମେ ଖସିଯାଉଥିଲେ। ଏହି ଅଞ୍ଚଳରେ ବିଶେଷକରି ବାର୍‌ହା ରହୁଥିବାରୁ ସୁଦର ସେମାନଙ୍କ ଶିକାର କରିବା ସହ କୁଟରା, ହରିଣ ଆଦି ମାରି ବେଶ୍ ଆରାମରେ ବ୍ୟବସାୟ ଚଳାଇ ଆସୁଥିଲେ। ସୁରାକ ଅପେକ୍ଷାରେ ପୋଲିସ ଜଗିରହିଥିବା ବେଳେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କୁ ଧରିବାରେ ସଫଳ ହୋଇଛି। ଅଧିକାଂଶ ସମୟ ସୁଦର ବାହାରେ ରହୁଥିବା ଏବଂ ଜଙ୍ଗଲରେ ବନ୍ଧୁକ ଚୁଟାଇ ରଖୁଥିବାରୁ ତାଙ୍କୁ ପୋଲିସ ଗିରଫ କରିପାରୁ ନ ଥିଲା। ତେବେ ସୁଦର ବନ୍ଧୁକ ସହ ଶୁକ୍ରବାର ରାତିରେ ଘରକୁ ଆସିଥିବା କୋଲାବିରା ଥାନାଧିକାରୀ ସୁକୁମାର ତ୍ରିପାଠୀଙ୍କୁ ସୂଚନା ମିଳିଥିଲା। ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ପ୍ରକାଶ ଚନ୍ଦ୍ର ଦଲାଇଙ୍କ ନେତୃତ୍ୱରେ ଏକ ଟିମ୍ ବିଳମ୍ବିତ ରାତିରେ ତାଙ୍କ ଘରେ ଚଢ଼ାଉ କରି ସୁଦରଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ କୋଲାବିରା ଥାନାରେ ଦଫା ୨୫(୧)/ବି(ଏ) ଆର୍ମ୍ସ ଆକ୍ଟ ବଳରେ ଏକ ମାମଲା (ନଂ.୩୪/୧୯) ରୁଜୁ କରାଯାଇ ସୁଦରଙ୍କୁ କୋର୍ଟଚାଲାଣ କରାଯାଉଛି।

# ସୁନ୍ଦରଗଡ଼ ସହରରେ ପୁଣି ହାତୀ ଆତଙ୍କ

**ସୁନ୍ଦରଗଡ଼, ୧୬।୩ (ଡି.ଏନ୍.ଏ)**

ସୁନ୍ଦରଗଡ ସହରରେ ପୁଣି ହାତୀ ଆତଙ୍କ ଦେଖାଦେଇଛି। ଶନିବାର ସକାଳେ ସହର ଉପକଣ୍ଠରେ ଥିବା ରାଣୀବଗିଚା ସଂଲଗ୍ନ ଇବ ନଦୀ କୂଳ ସ୍ୱର୍ଗଦ୍ୱାର ନିକଟରେ ଏକ ଦନ୍ତାହାତୀ ଦେଖିବାକୁ ମିଳିଥିଲା। ହାତୀକୁ ନେଇ ସାଧାରଣରେ ଆତଙ୍କ ପ୍ରକାଶ ପାଇଛି। ଖବରପାଇ ସୁନ୍ଦରଗଡ ସରକାରୀ ବନସଂରକ୍ଷକ ଟଙ୍କଧର ବେହେରାଙ୍କ ନେତୃତ୍ୱରେ ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀ ଘଉଡାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ହାତୀଟି ବିଜୁ ଏକ୍ସପ୍ରେସ ୱେ ଅତିକ୍ରମ କରି ଆଦୃତ ଚାଇଲଡ ହୋମ ଦେଇ ସୁବଳୟା ଜଙ୍ଗଲରେ ରହିଥିଲା। ପରେ ସନ୍ଧ୍ୟାରେ ହାତୀକୁ ସାତପଲିଆ ସଂରକ୍ଷିତ ଜଙ୍ଗଲକୁ ଘଉଡାଇ ଦିଆଯାଇ ସ୍ୱତନ୍ତ୍ର ପାଟ୍ରୋଲିଂ ଦଳ ହାତୀର ଗତିବିଧି ଉପରେ ଜନର ରଖିଥିବା ବନବିଭାଗ ତରଫରୁ କୁହାଯାଇଛି ।

# ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକ

**ସୁନ୍ଦରଗଡ଼, ୧୬।୩ (ଡି.ଏନ୍.ଏ)**

ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଗ୍ରୀଷ୍ମପ୍ରବାହ ପ୍ରାକ୍‌ପ୍ରସ୍ତୁତି ବୈଠକ, ଜିଲା ମରୁଡି ପର୍ଯ୍ୟାଲୋଚନା ସେଲ ଗଠନ ସମ୍ବନ୍ଧୀୟ ବୈଠକ ସ୍ଥାନୀୟ ବିକାଶ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୂମେଶ ଚନ୍ଦ୍ର ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ଆଗାମୀ ଗ୍ରୀଷ୍ମଋତୁକୁ ଆଖି ଆଗରେ ରଖି ଜିଲାରେ ଥିବା ସମସ୍ତ ଅଚଳ ନଳକୂପଗୁଡ଼ିକୁ ଯଥାଶିଘ୍ର ମରାମତି କରି କାର୍ଯ୍ୟକ୍ଷମ କରିବା ନିମନ୍ତେ ଗ୍ରାମ୍ୟ ଜଳଯୋଗାଣ ନିର୍ବାହୀ ଯନ୍ତ୍ରୀ ରାଉରକେଲା ଓ ସୁନ୍ଦରଗଡ ତଥା ଜନସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏଗୁଡିକ ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା କାର୍ଯ୍ୟକ୍ଷମ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯିବା ସହିତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗର ସମସ୍ତ କ୍ଷେତ୍ର ଅଧିକାରୀଙ୍କୁ ଆବଶ୍ୟକୀୟ ଯନ୍ତ୍ରାଂଶ ମହଜୁଦ ରଖିବା ପାଇଁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସମସ୍ତ ପୌରପାଳିକାର ନିର୍ବାହୀ ଅଧିକାରୀ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ଓ ପରିମଳ ବିଭାଗ, ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅଙ୍ଗନୱାଡି କେନ୍ଦ୍ର, ହାଟ, ବସଷ୍ଟାଣ୍ଡ, ଯାତ୍ରୀ ବିଶ୍ରାମ ଗୃହ ଓ ନିର୍ବାଚନ କେନ୍ଦ୍ର ନିକଟରେ ପିଇବା ପାଣି ବ୍ୟବସ୍ଥା କିମ୍ବା ଜଳଛତ୍ର ଖୋଲିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଛଡା ଜିଲା ପ୍ରାଣୀ ସମ୍ପଦ ବିଭାଗ ଅଧିକାରୀଙ୍କୁ ବୁଲା ପଶୁ ଓ ଅନ୍ୟ ପ୍ରାଣୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲାରେ ଥିବା ସମସ୍ତ ଜଳସେଚନ ପ୍ରକଳ୍ପ ଗୁଡିକୁ ତଦାରଖ କରି ଉପଲବ୍ଧ ଜଳର ସୁବିନିଯୋଗ କରିବା ପାଇଁ ଜଳସେଚନ ବିଭାଗକୁ ନିର୍ଦ୍ଦେଶ ଦିଆଯିବା ସହ ନିର୍ବାହୀ ଯନ୍ତ୍ରୀ ବିଦ୍ୟୁତ୍ ବିଭାଗକୁ ସମସ୍ତ ଜଳଯୋଗାଣ ପମ୍ପ ହାଉସ ତଥା ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ଯୋଗାଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବୈଠକରେ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ଆଗାମୀ ଗ୍ରୀଷ୍ମ ପ୍ରବାହକୁ ଆଖି ଆଗରେ ରଖି ସ୍ୱାସ୍ଥ୍ୟ ବିଭଗ ତରଫରୁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ଆବଶ୍ୟକୀୟ ଔଷଧ ଓ ଆରଏସ ପାଉଡର ଓ ଅନ୍ୟାନ୍ୟ ବ୍ୟବସ୍ଥା ସହ ଡାକ୍ତର ମଧ୍ୟ ଉପସ୍ଥିତ ରହିବେ ବୋଲି କହିଥିଲେ।

# ଆଦିବାସୀ ନେତାଙ୍କୁ ଆକ୍ରମଣ ଘଟଣାରେ ୬ ଗିରଫ

**ଝାରସୁଗୁଡ଼ା ଅଫିସ,୧୬।୩**

ଆଦିବାସୀ ନେତା ମହେନ୍ଦ୍ର ନାଏକଙ୍କୁ ଶୁକ୍ରବାର ରାତି ଆକ୍ରମଣ ଘଟଣାରେ ବିଟିଏମ୍ ଫାଣ୍ଡି ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବ୍ରଜରାଜନଗରର ପ୍ରିୟଦର୍ଶୀ ସ୍ୱାଇଁ, ପଙ୍କଜ ଗୁପ୍ତା, ରୋହିତ ଦାସ, ମନିଷ ମିଶ୍ର, ଶୈଳେନ୍ଦ୍ର ପାତ୍ର ଏବଂ ରଶ୍ମିରଞ୍ଜନ ସ୍ୱାଇଁ। ଅଭିଯୁକ୍ତଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଅନ୍ୟପକ୍ଷରେ ରାଜନୈତିକ ଆକ୍ରୋସରୁ ଆକ୍ରମଣ ହୋଇଥିବା ନେଇ ଯେଉଁ ଚର୍ଚ୍ଚା ହେଉଥିଲା ତାହା ଭୁଲ ବୋଲି ପୋଲିସ କହିଛି। ଖୋଦ ମହେନ୍ଦ୍ର ମଧ ଏହି ଚର୍ଚ୍ଚାକୁ ଖଣ୍ଡନ କରିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶୁକ୍ରବାର ସନ୍ଧ୍ୟାରେ ଖଲିଆକାନି ପଡ଼ିଆରେ ଅଭିଯୁକ୍ତମାନେ ମଦ ପିଉଥିଲେ। ସେଠାରେ ମଦ୍ୟପାନ କରିବାକୁ ମହେନ୍ଦ୍ର ବାରଣ କରିଥିଲେ। ଏହାକୁ କେନ୍ଦ୍ରକରି ଅଭିଯୁକ୍ତ ଏବଂ ମହେନ୍ଦ୍ରଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେଠାରୁ ଫେରିବା ପରେ ରାତି ୯ଟାରେ ମହେନ୍ଦ୍ର ବ୍ରଜରାଜନଗର ଖଲିଆକାନିସ୍ଥିତ ନିଜ ଘରୁ ବାହାରି ଏକ କାର୍ ଯୋଗେ ଝାରସୁଗୁଡ଼ା ଯାଉଥିଲେ। ଝାରସୁଗୁଡ଼ାରୁ ବସ୍ ଯୋଗେ ଭୁବନେଶ୍ୱର ଯିବାର କାର୍ଯ୍ୟକ୍ରମ ରହିଥିଲା। ତେବେ ଅଭିଯୁକ୍ତମାନେ ଅନ୍ୟ ଏକ କାର୍‌ରେ ମହେନ୍ଦ୍ରଙ୍କ କାର୍‌କୁ ବ୍ରଜରାଜନଗରରୁ ପିଛା କରିଥିଲେ। ଝାରସୁଗୁଡ଼ା ବୁଢ଼ୀପଦର ଛକରେ ମହେନ୍ଦ୍ରଙ୍କ କାର୍‌କୁ ଅତିକ୍ରମ କରି ଆଗରେ ଠିଆ କରିଥିଲେ। ୭ ଜଣ ଯୁବକ କାର୍‌ରୁ ଓହ୍ଲାଇ ଆସି ମହେନ୍ଦ୍ରଙ୍କୁ ଗାଳିଗୁଲଜ କରିଥିଲେ। ମହେନ୍ଦ୍ର କାର୍ ଡୋର୍ ଖୋଲିବାମାତ୍ରେ ତାଙ୍କୁ ଟାଣିଆଣି ମାଡ଼ ମାରିଥିଲେ। ଏଥିସହ ମହେନ୍ଦ୍ରଙ୍କ ସୁନା ଚେନ୍ ଏବଂ ୨୭ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ତେବେ ସେଠାରେ ହଠାତ୍ ମୋବାଇଲ୍ ପିସିଆର୍ ପହଞ୍ଚିଯିବାରୁ ୬ ଦୁର୍ବୃତ୍ତ ଫେରାର ହୋଇଯାଇଥିଲେ ମଧ ମହେନ୍ଦ୍ର ଜଣଙ୍କୁ କାବୁ କରି ପିସିଆର୍ ଜିମା ଦେଇଥିଲେ। ମହେନ୍ଦ୍ରଙ୍କ ଅଭିଯୋଗ ଏବଂ ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ଜେରାରୁ ମିଳିଥିବା ତଥ୍ୟ ଆଧାରରେ ବିଟିଏମ୍ ପୋଲିସ ଶନିବାର ଅନ୍ୟ ୫ ଜଣଙ୍କୁ ଜଣଙ୍କୁ ଗିରଫ କରିଛି। ଅନ୍ୟଜଣେ ଏବେ ବି ଫେରାର ଅଛନ୍ତି। ଅନ୍ୟପକ୍ଷରେ ଶନିବାର ଝାରସୁଗୁଡ଼ା କିଷାନ ସମାଜ ଜିଲା କମିଟିର ଏକ ବୈଠକ ବସି ମହେନ୍ଦ୍ରଙ୍କୁ ଆକ୍ରମଣ ଘଟଣାର ନିନ୍ଦା କରାଯାଇଛି। ଅଭିଯୁକ୍ତମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସଂଘର ତ୍ରିଲୋଚନ ପ୍ରଧାନ, ପଦ୍ମଲୋଚନ ବୁଦୁଲା, ରାମତୁଲା ବୁଦୁଲା, ରୋହିତ କିଷାନ, ଅଶୋକ ମାଝି, ସୁଦର୍ଶନ ପ୍ରଧାନ, ରମେଶ ପ୍ରଧାନ, ଚଇନୁ କିଷାନ, ରତ୍ନାକର ପ୍ରଧାନ, ଗୁରୁଚରଣ ବାଗ ପ୍ରମୁଖ ଦାବି କରିଛନ୍ତି।

# ବ୍ରଜେଶ୍ୱରୀ ମନ୍ଦିରର କଳସ ସ୍ଥାପନ ସମାରୋହ

**ବ୍ରଜରାଜନଗର,୧୬।୩(ଡି.ଏନ୍.ଏ.)**



ଶ୍ରଦ୍ଧାଳୁମାନେ କଳସ ଶୋଭାଯାତ୍ରାରେ ମନ୍ଦିରକୁ ଆସୁଛନ୍ତି।

ବ୍ରଜରାଜନଗର ରେଲୱେ ଷ୍ଟେଶନସ୍ଥିତ ମା' ବ୍ରଜେଶ୍ୱରୀ ମନ୍ଦିରର କଳସ ସ୍ଥାପନ ଓ ଧ୍ୱଜାରୋହଣ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ୩ଶହରୁ ଅଧିକ ମହିଳା ସ୍ଥାନୀୟ ଇବ୍ ନଦୀରୁ ଜଳ ଉଠାଇ ମଧୁସୂଦନ ଛକ ଦେଇ ସହର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲେ। ଚଳିତବର୍ଷ ନାରାୟଣ ନନ୍ଦ ଓ ରେଖା ନନ୍ଦ କର୍ତ୍ତା ଦାୟିତ୍ୱରେ ଅଛନ୍ତି। ମନ୍ଦିର ପୂଜକ ବିଭୂତି ଦାଶଙ୍କ ସହିତ କ୍ରିଷ୍ଣା ପତି, ଧନେଶ୍ୱର ପଣ୍ଡା, ପରିଚାଳନା କମିଟି ସଭାପତି ସୁଜିତ ମହାନ୍ତି, କିଶନ ସିଂ, ପ୍ରବୀଣ ପୃଷ୍ଟି, ମାନସ ପଣ୍ଡା, ସଞ୍ଜୟ ପ୍ରସାଦ ପ୍ରମୁଖ ସହାୟତା କରୁଛନ୍ତି।

## ଏନ୍‌ଟିପିସି ଦର୍ଲିପାଲି ପାୱାର ପ୍ଲାଣ୍ଟ

# ମାର୍ଚ୍ଚ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ

**ସୁନ୍ଦରଗଡ଼, ୧୬।୩ (ଡି.ଏନ୍.ଏ)**

ସୁନ୍ଦରଗଡ ଜିଲା ଦର୍ଲିପାଲିଠାରେ ଏନଟିପିସି ତରଫରୁ ନିର୍ମାଣଧୀନ ସୁପର ଥର୍ମାଲ ପାୱାର ପ୍ରୋଜେକ୍ଟ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ମାର୍ଚ୍ଚ ଶେଷ ସୁଦ୍ଧା ଏହି ପ୍ରକଳ୍ପର ପ୍ରଥମ ୟୁନିଟ କାର୍ଯ୍ୟକ୍ଷମ ହୋଇ ତାପଜ ବିଦ୍ୟୁତ୍ ଉତ୍ପାଦନ ଆରମ୍ଭ ହେବ। ଏନ୍‌ଟିପିସି ପୂର୍ବାଞ୍ଚଳ-୨ର ଆଞ୍ଚଳିକ ଏକଜିକ୍ୟୁଟିଭ ଡାଇରେକ୍ଟର ସଞ୍ଜୀବ କିଶୋର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦେଶରେ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ଏନଟିପିସି ପକ୍ଷରୁ ସ୍ଥାପିତ ବିଭିନ୍ନ ପ୍ରକଳ୍ପ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରି ଆସିଥିବା ବେଳେ ଦର୍ଲିପାଲିଠାରେ ନିର୍ମିତ ୧୬ମେଗାୱାଟ ପାୱାର ଷ୍ଟେଶନରୁ ଉତ୍ପାଦିତ ବିଦ୍ୟୁତ୍‌ରୁ ୫୦ ପ୍ରତିଶତ ଓଡିଶା ରାଜ୍ୟ ପାଇଁ ଯୋଗାଣ ଓ ଅନ୍ୟ ୫୦ ପ୍ରତିଶତ ପଶ୍ଚିମବଙ୍ଗ, ଝାଡଖଣ୍ଡ, ବିହାର ଓ ସିକିମ ରାଜ୍ୟକୁ ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଥିଲେ। ଏନ୍‌ଟିପିସି ତରଫରୁ ଏହି ପ୍ରକଳ୍ପ ପ୍ରଭାବିତ ଅଞ୍ଚଳରେ ପାରିପାର୍ଶ୍ୱିକ ଉନ୍ନୟନ, ପୁର୍ନବାସ ଥଇଥାନ ଆଦି ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ସୁନ୍ଦରଗଡରେ ଏନ୍‌ଟିପିସି ତରଫରୁ ୪ଶହ କୋଟି ଟଙ୍କା ବ୍ୟୟ





ଖବରଦାତା ସମ୍ମିଳନୀରେ ଏନ୍‌ଟିପିସି ଅଧିକାରୀମାନେ ସୂଚନା ଦେଉଛନ୍ତି।

ଅଟକଳରେ ନିର୍ମାଣଧୀନ ମେଡିକାଲ କଲେଜ ଓ ହସ୍ପିଟାଲର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଜୁନ୍ ସୁଦ୍ଧା ଏହା ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ। ୫୦୦ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ଓ ୧୦୦ଆସନ ବିଶିଷ୍ଟ ମେଡିକାଲ କଲେଜ ସୁନ୍ଦରଗଡ ଜିଲା ସମେତ ପଡୋଶୀ ଛତିଶଗଡ ଓ ଝାଡଖଣ୍ଡ ସୀମାବର୍ତ୍ତୀ ଅଞ୍ଚଳବାସୀଙ୍କ ପାଇଁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିବ। ଏତଦ ବ୍ୟତୀତ ଦର୍ଲିପାଲି ପାୱାର ପ୍ରୋଜେକ୍ଟ ପାଇଁ ଡୁଲଙ୍ଗାଠାରେ ଥିବା ଏନ୍‌ଟିପିସିର ନିଜସ୍ୱ କୋଇଲା ଖଣି ସ୍ୱତନ୍ତ୍ର ରେଳ ଲାଇନ ଯୋଗେ କୋଇଲା ଓ ହୀରାକୁଦ ଜଳଭଣ୍ଡାରରୁ ୫୫କ୍ୟୁବିସି ଜଳ ସ୍ୱତନ୍ତ୍ର ପାଇପ୍ ଜରିଆରେ ଅଣାଯିବା ପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇଛି। ପ୍ରକଳ୍ପରୁ ନିର୍ଗତ ବର୍ଜ୍ୟଜଳ ଓ ପାଉଁଶ ଗୁଣ୍ଡ ତଥା ଧୂଆଁକୁ ଅତ୍ୟାଧୁନିକ ବ୍ୟବସ୍ଥା ହୋଇଥିବା ଓ ଏହା ପାର୍ଶ୍ୱବର୍ତ୍ତୀ ଗ୍ରାମ, ପରିବେଶ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି କହିଥିଲେ। ସେହିପରି ପ୍ରକଳ୍ପ ପାର୍ଶ୍ୱବର୍ତ୍ତୀ ଓ ପ୍ରଭାବିତ ଅଞ୍ଚଳଗୁଡିକରେ ସ୍ୱତନ୍ତ୍ର ସବୁଜ ବଳୟ ଓ ବନୀକରଣ କାର୍ଯ୍ୟ ମଧ୍ୟ କମ୍ପାନୀ ତରଫରୁ ହାତକୁ ନିଆଯାଇଥିବା ସେ କହିଥିଲେ। ଏହା ସହ ବିସ୍ଥାପିତ ଅଞ୍ଚଳର ଯୁବତୀ ଯୁବକମାନଙ୍କୁ ଆତ୍ମନିଯୁକ୍ତି ପାଇଁ ବୈଷୟିକ ଶିକ୍ଷା ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିବାବେଳେ ପୁନର୍ବାସ କଲୋନୀ ଓ ପ୍ରଭାବିତ ଅଞ୍ଚଳରେ ଶିକ୍ଷା ସ୍ୱାସ୍ଥ୍ୟ, ପାନୀୟ ଜଳର ସୁବ୍ୟବସ୍ଥା ସହ କ୍ରୀଡା, ସଂସ୍କୃତିର ଉନ୍ନତି ପାଇଁ ପ୍ରୋତ୍ସାହନ ଯୋଗାଇ ଦିଆଯାଉଥିବା ସେ କହିଥିଲେ। ପ୍ରାରମ୍ଭରେ କେଏମ୍‌କେ ପୃଷ୍ଟି (ଏଜିଏମ୍ ଟିଏସ ) କମ୍ପାନୀ ଏହି ପ୍ରକଳ୍ପ ପ୍ରତିଷ୍ଠାର ଉଦ୍ଦେଶ୍ୟ ଓ ତାପଜ ବିଦ୍ୟୁତ୍ ଉତ୍ପାଦନ କ୍ଷେତ୍ରରେ ସୂଚନା ଦେବା ସହ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହୋଇ ପୁର୍ନବାସ ଥଇଥାନ ହୋଇଥିବା ୨୪୪ ପରିବାରଙ୍କୁ ବହୁବିଧ ଆନୁସାଙ୍ଗିକ ସୁବିଧା ଯୋଗାଇ ଦିଆଯାଇଥିବା ସୂଚନା ଦେଇଥିଲେ। ଏହି ଖବରଦାତା ସମ୍ମିଳନୀରେ ଏନ୍‌ଟିପିସି ତାପଜ ପ୍ରକଳ୍ପର ଜିଏମ୍ (ଓଏଣ୍ଡ ଏମ୍ ) ଆର. ସି ପଟ୍ଟନାୟକ, ଜି.ଏମ୍ ଟିଏସ କେ ଆର ପାଣ୍ଡୁ, ଜିଏମ୍ ପ୍ରୋଜେକ୍ଟସ୍ କାମେଶ୍ୱର ଝା, ଏଜିଏମ୍ ଫାଇନାନ୍ସ ଏସ.ଚମ୍ପତ୍ତି ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏନ୍‌ଟିପିସି ଅଧିକାରୀ ଉଇଲସନ ଆବ୍ରାହାମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

**ଲେଫ୍ରିପଡା, ୧୬।୩(ଡି.ଏନ.ଏ.)**

ସୁନ୍ଦରଗଡ ଜିଲା ଲେଫ୍ରିପଡା ବ୍ଲକ୍ ଅନ୍ତର୍ଗତ ଦର୍ଲିପାଲି ଦାମୋଦର ନାଏକ ଉଚ୍ଚ ବିଦ୍ୟାଳୟରେ ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ସୁରେଶ ଚନ୍ଦ୍ର ପାଣ୍ଡେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ରାଏଡିହି ପଞ୍ଚାୟତର ସରପଞ୍ଚ ବୁନ୍ଦେଶ୍ୱରୀ ମାଝି ଯୋଗଦାନ କରିଥିଲେ। ଆୟୋଜିତ ଆତ୍ମସୁରକ୍ଷା ପ୍ରଶିକ୍ଷଣକୁ ଉପଯୋଗ କରି ଛାତ୍ରୀ ନିଜ ଭିତରେ ସଂଯମତା, ସୁବ୍ୟବହାର ରଖିବା ପାଇଁ ମତାମତ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ସୁଶିଲ କୁମାର ଚୌଧୁରୀ ମହିଳାଙ୍କ ପାଇଁ ଆତ୍ମସୁରକ୍ଷାର ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ତୁସାରିକା ଦାଶ୍, ମାଷ୍ଟର ଟ୍ରେନର ମିତା ଧୂଆ ପ୍ରମୁଖ ଯୋଗଦାନ କରି ଆତ୍ମସୁରକ୍ଷା କୌଶଳର ଉପାଦେୟତା ଉପରେ ମତ ରଖିଥିଲେ। ଶେଷରେ କାର୍ଯ୍ୟକ୍ରମର ସଭାପତି ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ସାମ୍ପ୍ରତିକ ପରିସ୍ଥିତିରେ ମହିଳାଙ୍କ ଉପରେ ହେଉଥିବା ଆକ୍ରମଣ ଏବଂ ବ୍ୟଭିଚାରକୁ ତାଲିମ ଦ୍ୱାରା ନିଜକୁ ସୁରକ୍ଷା କରିବା ସଙ୍ଗେ ସଙ୍ଗେ ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ କରିବାରେ ଅତ୍ୟନ୍ତ ସହାୟକ ହେବ ବୋଲି କହିଥିଲେ। ଏଥିରେ ପ୍ରୋଗ୍ରାମ ଅଫିସର ଚୁନୁ ପ୍ରଧାନ, ଅଲେଖ ପଟେଲ, ସୁକାନ୍ତ ମେହେର, ଦୁର୍ଗାମାଧବ ଛତ୍ରାନ ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଶିକ୍ଷା ପ୍ରଶିକ୍ଷିକା ଭାରତୀ ନାଏକ ଧନ୍ୟବାଦ ପ୍ରଦାନ କରିଥିଲେ।





ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପନୀରେ ମଞ୍ଚାସୀନ ଅତିଥି।